

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004	Vol. : 45/ Issue : 271	Brahmapur	Friday 13 November 2026	ବର୍ଷ: ୪୫/ ଅଙ୍କ: ୨୭୧	ଶୁକ୍ରବାର ୧୩ ନଭେମ୍ବର ୨୦୨୬	ବ୍ରହ୍ମପୁର	ପୃଷ୍ଠା:୮	ମୂଲ୍ୟ: ୮.୫.୦୦

୧୪ରୁ ରାଜ୍ୟବ୍ୟାପୀ ଆବାସ ବଣ୍ଟନ କାର୍ଯ୍ୟକ୍ରମ

ପକ୍କା ଘର ପାଇବେ ୨ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

ଭୁବନେଶ୍ୱର, ୧୨।୧୧ : ମୁଣ୍ଡ ଉପରେ ପକ୍କା ଛାତ । ନିଜସ୍ୱ ଘର ଖଣ୍ଡେ ଏବଂ ସୁରକ୍ଷିତ ଜୀବନଟିଏ। ଏହା କେବଳ ଏକ ଘର ନୁହେଁ, ବରଂ ଗରିବ ପରିବାର ପାଇଁ ଆତ୍ମସମ୍ମାନ ଓ ସ୍ୱାଭିମାନର ପରିଚୟ। ବର୍ଷ ବର୍ଷ ଧରି ଚାଳ ଛପର ଘରେ ରହୁଥିବା, ଝଡ଼ ବର୍ଷାକୁ ଡରି ରାତି କାଟୁଥିବା ଲୋକଙ୍କ ସ୍ୱପ୍ନକୁ ଏବେ ମିଳିବ ନୂଆ ଠିକଣା।

ନଭେମ୍ବର ୧୪ ତାରିଖରୁ ସାରା ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ଆବାସ ବଣ୍ଟନ କାର୍ଯ୍ୟକ୍ରମ। ଏହି ପର୍ଯ୍ୟାୟରେ ୨ ଲକ୍ଷ ୯୧ ହଜାର ୬୬୬ଟି ଘର ଯୋଗାଇ ଦେବେ ରାଜ୍ୟ ସରକାର। ଗୁରୁବାର ଭୁବନେଶ୍ୱରରେ ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ। ଘର ଖଣ୍ଡେ



ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବନି। ଗରିବଙ୍କ ମୁଣ୍ଡ ଉପରେ ପକ୍କା ଛାତ ଯୋଗାଇଦେବ। ଲକ୍ଷ୍ୟରେ ଆବାସ ଯୋଜନାକୁ ଆହୁରି ଗତି ଦେବାକୁ ଯାଉଛନ୍ତି ସରକାର। ଗାଁ ଗହଳିରେ ଆଜି ବି ଅନେକ ପରିବାର ଭଙ୍ଗା ଦଦରା ଘରେ ରହୁଛନ୍ତି। କାହାର ମୁଣ୍ଡ ଉପରେ ଚାଳ ନାହିଁ ତ ଆଉ କାହା ପାଇଁ ବର୍ଷା ଦିନ ଆଣୁଛି ଦୁର୍ଦ୍ଦଶା। ଏଭଳି ପରିବାରଙ୍କ ପାଇଁ ସରକାରଙ୍କ ଏହି ଆବାସ ଯୋଜନା ଆଶାର ଆଲୋକ ହେବ ବୋଲି ଆଶା ରହିଛି।

୨୦୧୬ରୁ ଗରିବଙ୍କୁ ପକ୍କା ଘର ଯୋଗାଇ ଦେବାର ସଂକଳ୍ପ ନେଇ ଆବାସ ଯୋଜନା ଆଗକୁ ବଢ଼ିଥିଲା। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ପରେ ଆବାସ ଯୋଜନାକୁ ନେଇ ସର୍ଭେ କରାଯାଇଥିଲା। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ସର୍ଭେରେ ପ୍ରାୟ ୩୭ ଲକ୍ଷ ଘରର ଆବଶ୍ୟକତା ସାମ୍ନାକୁ ଆସିଥିଲା।

ପ୍ରଥମେ ୧ ଲକ୍ଷ ୨୦ ହଜାର ଘର ମିଳିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୪ ଲକ୍ଷ ଘର ମିଳିଛି। ଏହାସହ ୫ ଲକ୍ଷ ଅନ୍ତ୍ୟୋଦୟ ଘର ମଧ୍ୟ ଯୋଗାଇ ଦିଆଯାଇଥିବା କହିଛନ୍ତି ମନ୍ତ୍ରୀ। ଏବେ ଆଉ ୨ ଲକ୍ଷ ୯୧ ହଜାର ୬୬୬ଟି ଘର ଯୋଗାଇ ଦେବାକୁ ଯାଉଛନ୍ତି ସରକାର।ସରକାରଙ୍କ ଏହି ଘୋଷଣା ପରେ ଏବେ ଆଶା ବାନ୍ଧିଛନ୍ତି ଘର ଅପେକ୍ଷାରେ ଥିବା ହଜାର ହଜାର ପରିବାର। କାରଣ ପକ୍କା ଘରଟିଏ ମିଳିଲେ କେବଳ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ମିଳିବ ନାହିଁ, ବରଂ ପରିବାରର ସୁରକ୍ଷା, ପିଲାଙ୍କ ଭବିଷ୍ୟତ ଓ ସାମାଜିକ ମର୍ଯ୍ୟାଦା ମଧ୍ୟ ସୁନିଶ୍ଚିତ ହୋଇପାରିବ।

ହେଲେ ଯୋଜନାର ସଫଳତା କେବଳ ଘର ଆବଣ୍ଟନର ସଂଖ୍ୟାରେ ସୀମିତ ନୁହେଁ, ବରଂ ଯେଉଁ ପରିବାର ପ୍ରକୃତରେ ଘର ଆବଶ୍ୟକ କରୁଛନ୍ତି, ସେମାନଙ୍କ ପାଖରେ ସ୍ୱଚ୍ଛତାର ସହ ଯୋଜନାର ସୁଫଳ ପହଞ୍ଚିବା ହିଁ ସବୁଠୁ ବଡ଼ ସଫଳତା ହେବ।

ପୀତବାସ ହତ୍ୟା ମାମଲା

୬ ଅଭିଯୁକ୍ତଙ୍କ ଜାମିନ ଉପରେ ରାୟ ସଂରକ୍ଷିତ

କଟକ/ବ୍ରହ୍ମପୁର: ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଆସିଛି ବଡ଼ ଅପଡେଟ୍। ୬ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଶେଷ କରିଛନ୍ତି ହାଇକୋର୍ଟ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ମାନ୍ୟବର ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି। ଫଳରେ ଅଭିଯୁକ୍ତଙ୍କ ଜାମିନକୁ ନେଇ ଏବେ ସମସ୍ତଙ୍କ ନଜର ହାଇକୋର୍ଟଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ। ଏହି ମାମଲାରେ ଶିବ ଶଙ୍କର ଦାସ, ମଦନ ମୋହନ ଦଳାଇ, ସୁନୀଲ କୁମାର ହୋତା, ଯୋଗେନ୍ଦ୍ର ରାଉତ, ବିପିନ ସ୍ୱାଇଁ ଓ କାଳୁ ଚରଣ ଭୂୟାଁଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି ହୋଇଥିଲା। ଉଭୟ ପକ୍ଷଙ୍କ ଓକିଲ ନିଜ ନିଜ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିଥିଲେ।

ଶୁଣାଣି ଶେଷ ହେବା ପରେ ଉଭୟ ପକ୍ଷଙ୍କୁ ଆସନ୍ତା ସୋମବାର ସୁଦ୍ଧା ମାମଲା ସମ୍ପର୍କିତ ଲିଖିତ ଯୁକ୍ତି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ରାୟ ସଂରକ୍ଷିତ ରହିଥିବାରୁ ୬ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଅଦାଲତ କଣ ନିଷ୍ପତ୍ତି ନେବେ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ଛୁଇଁଲା

ନୂଆଦିଲ୍ଲୀ, ୧୨।୧୧: ଦେଶରେ ଦୈନନ୍ଦିନ ବ୍ୟବହାର ହେଉଥିବା ଜିନିଷ ଗୁଡ଼ିକର ଦର ବଢ଼ିବାରେ ଲାଗିଛି। ମହଙ୍ଗା ମାଡ଼ରେ ଆଉଟ ପାଉଟ ଲୋକ। ଲୋକଙ୍କ ମାସିକ ଗ୍ରୋସରୀ ବିଲ୍ ଆଗକୁ ଆହୁରି ବଢ଼ିବା ସ୍ଥିତି ଏପରି ହୋଇଛି ଯେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ସୁରକ୍ଷିତ ସୀମାକୁ ମଧ୍ୟ ଅତିକ୍ରମ କରାଯାଇଛି। ଅକ୍ଟୋବରରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ଛୁଇଁଛି। ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ୫.୫୪% ରହିଥିଲା। ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚି ଯାଇଛି। ଗ୍ରାହକ ଦର ସୂଚକାଙ୍କ(ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ଅକ୍ଟୋବରରରେ ୬.୦୫% ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଦ୍ରାସ୍ଫୀତି ଉପରେ ସବୁଠାରୁ ବଡ଼ ଚାପ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧିର ପଡ଼ିଛି। ଖାଦ୍ୟ ମୁଦ୍ରାସ୍ଫୀତି ସିଧା ୮.୯୪% ରହିଛି। ଖାଦ୍ୟ ସହ ପାନୀୟ ମୁଦ୍ରାସ୍ଫୀତିକୁ ଦେଖିଲେ ଏହା ସିଧା ୮.୫୧%ରେ ପହଞ୍ଚି ଯାଇଛି। ସେପ୍ଟେମ୍ବରରେ ଏହା ୭.୩୬% ରହିଥିଲା। ପିଆଜ, ରସୁଣ ଓ ଅଦା ଭଳି ସବୁ ଜିନିଷ ମହଙ୍ଗା ହୋଇଛି। ପରିବହନ ମୁଦ୍ରାସ୍ଫୀତି ଅକ୍ଟୋବରରେ ୫.୮୪% ରହିଥିବାରୁ ଲୋକଙ୍କ ଘର ଖର୍ଚ୍ଚକୁ ମଧ୍ୟ ଏହା ପ୍ରଭାବିତ କରିଛି।



ସର୍ବାଧିକ ଦରବୃଦ୍ଧି ବ୍ୟକ୍ତିଗତ ଯତ୍ନ ସାମଗ୍ରୀ ଓ ରେଷ୍ଟୁରାଣ୍ଟ ସେବାରେ ଦେଖିବାକୁ ମିଳିଛି। ବ୍ୟକ୍ତିଗତ ଯତ୍ନ ସାମଗ୍ରୀର ମୁଦ୍ରାସ୍ଫୀତି ୧୦.୧୪% ଓ ରେଷ୍ଟୁରାଣ୍ଟ ସେବାର ମୁଦ୍ରାସ୍ଫୀତି ୧୦.୦୬% ରହିଛି। ପାନ, ତମାଖୁ ଓ ନିଶାଦ୍ରବ୍ୟ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୪.୮୦% ଥିବା ବେଳ ଅକ୍ଟୋବରରେ ୪.୯୩% କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଏହା ୪.୭୦% ଓ ସହରାଞ୍ଚଳ ୫.୪୨% ରହିଛି।

କପଡ଼ା ଓ ଜୋତା ମୁଦ୍ରାସ୍ଫୀତି ଅକ୍ଟୋବରରେ ୪.୯୬% ହୋଇଛି। ଗୃହ, ଜଳ, ବିଦ୍ୟୁତ୍ ଓ ଇନ୍ଧନ ମୁଦ୍ରାସ୍ଫୀତି ୨.୯୦%, ଘରୋଇ ଉପକରଣ ଓ ରକ୍ଷଣାବେକ୍ଷଣ ମୁଦ୍ରାସ୍ଫୀତି ୩.୯୪%, ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୧.୪୦%, ସୂଚନା ଓ ଯୋଗାଯୋଗ ମୁଦ୍ରାସ୍ଫୀତି ୩.୧୬%, ମନୋରଞ୍ଜନ, କ୍ରୀଡ଼ା ଓ ସଂସ୍କୃତି ମୁଦ୍ରାସ୍ଫୀତି ଅକ୍ଟୋବରରେ ୨.୫୨% ରହିଛି। ସିପିଆଇ (ଗ୍ରାହକ ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରଦାମ ବୃଦ୍ଧିର ପ୍ରଭାବ କମ ହୁଏ। ଅକ୍ଟୋବର ମାସରେ ଆରବିଆଇର ଧାର୍ଯ୍ୟ ସୀମା ଅତିକ୍ରମ କରି ଯାଇଛି। ଖାଦ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। କାରଣ ଏହା ସିପିଆଇ ବାସ୍କେଟ ଉପରେ ପ୍ରଭାବ ପକାଇଥାଏ।

ବିଦେଶୀ ଛାଡ଼ପତ୍ର ଭାରତରେ ଚଳିବନି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨।୧୧ : ଯଦି ଜଣେ ବ୍ୟକ୍ତି ଭାରତରେ ବିବାହ କରନ୍ତି । ଏହା ପରେ ସେ ବିଦେଶ ଚାଲିଯାଆନ୍ତି । ସେଠାର ଏକ କୋର୍ଟରେ ପତ୍ନୀଙ୍କ ସହ ବିବାହ ବିଚ୍ଛେଦ ହୋଇଯାଏ । ଅର୍ଥାତ ଭାରତରେ ହୋଇଥିବା ବିବାହକୁ ବାହାର ଦେଶର କୋର୍ଟ ବିଚ୍ଛେଦ କରିଥିଲେ ଭାରତରେ ଏହାକୁ ଗ୍ରହଣ କରାଯିବ ନା ନାହିଁ ସେନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ବିଦେଶରେ ହୋଇଥିବା ବିବାହ ବିଚ୍ଛେଦ ଭାରତରେ ଗ୍ରହଣୀୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ଏଥିପାଇଁ ଭାରତୀୟ ଆଇନର ସର୍ତ୍ତ ପାଳନ କରିବାକୁ ହେବ ବୋଲି କୋର୍ଟ ପ୍ରକାଶ କରିଛନ୍ତି । ସୁପ୍ରିମକୋର୍ଟରେ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର। ଏବଂ ଜଷ୍ଟିସ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ବିବାହକୁ ଶେଷ କରିବା ପାଇଁ ବିଦେଶୀ କୋର୍ଟଙ୍କ ନିଷ୍ପତ୍ତି ମଧ୍ୟ ଭାରତର ଆଇନକୁ ଆଧାର କରି ହେବା ଆବଶ୍ୟକ । ଏଥିପାଇଁ ସିଭିଲ ପ୍ରକ୍ରିୟା ସମେତ ସିପିସିର ଧାରା ୧୩ରେ ଥିବା ସର୍ତ୍ତ ପୂରଣ କରିବା ମଧ୍ୟ ଜରୁରୀ ।

କୋର୍ଟ ଆହୁରି କହିଛନ୍ତି ଯେ, ଯଦି ବିବାହ ହିନ୍ଦୁ ବିବାହ ଅଧିନିୟମ ୧୯୫୫ ଅନୁସାରେ ହୋଇଥାଏ ତାହାଲେ କେବଳ ବିବାହ ଭାଙ୍ଗିଯିବା ଛାଡପତ୍ରର କାରଣ ହେବ ନାହିଁ । ଭାରତୀୟ ଆଇନରେ ଏପରି ଛାଡପତ୍ର ବୈଧ ନୁହେଁ । ଅର୍ଥାତ କୌଣସି ବ୍ୟକ୍ତି ବିଦେଶରେ ଛାଡପତ୍ର ନେଲେ ଭାରତରେ ତାଙ୍କର ପ୍ରଥମ ବିବାହ ବିଚ୍ଛେଦ ହୋଇଯାଇଛି ଭାବିବା ଠିକ୍ ନୁହେଁ । କେଉଁ ଆଧାରରେ ଛାଡପତ୍ର ମିଳିଛି ଏବଂ ଭାରତୀୟ ନିୟମ ଅନୁସାରେ ଏହା ହୋଇଛି ନା ନାହିଁ ତାହା ମଧ୍ୟ ଦେଖିବାକୁ ହେବ ।

ସର୍ବୋଚ୍ଚ ଅଦାଲତ ଆହୁରି ମଧ୍ୟ କହିଛନ୍ତି ଯେ, ବିଦେଶୀ କୋର୍ଟରେ ଛାଡପତ୍ର ନେଲେ ଦ୍ୱିତୀୟ ବିବାହ ପାଇଁ ରାସ୍ତା ସଫା ହୋଇଯିବ ନାହିଁ । ପ୍ରଥମ ବିବାହକୁ ଭାରତୀୟ ଆଇନ ଅନୁସାରେ ହିଁ ବିଚ୍ଛେଦ କରାଯାଇ ପାରିବ । ଯଦି ଭାରତୀୟ ଆଇନକୁ କେହି ନଜରଅନ୍ଦାର କରିଥାନ୍ତି ତାହାଲେ ତାଙ୍କ ବିରୋଧରେ ଅପରାଧିକ ମାମଲା ଚାଲିବ । ଏହି ନିୟମ ସେହି ସବୁ ବ୍ୟକ୍ତିଙ୍କ ପାଇଁ ଲାଗୁ ହେବ ଯେଉଁ ବ୍ୟକ୍ତି ବିବାହ ପରେ ବାହାର ଦେଶର ନାଗରିକତା ନେଇଥିବେ ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି–୨୦୨୬’ ଉଦଘାଟିତ

୩୭୫ ଜଣଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୧୧: ଉଦଘାଟିତ ହୋଇଯାଇଛି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି–୨୦୨୬’ । ଭୁବନେଶ୍ୱରର ୟୁନିଟ–୩ ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ମହୋତ୍ସବକୁ ଉଦଘାଟନ କରିଛନ୍ତି । ଚଳିତ ବର୍ଷର ଥିମ୍ ରହିଛି ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା। ଏହି ତିନିଦିନିଆ ରାଜ୍ୟସ୍ତରୀୟ ମହୋତ୍ସବ ନଭେମ୍ବର ୧୨ ରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅବସରରେ ୨୦୨୪–୨୦୨୫ ବର୍ଷର ତାଲିକାକୁ ମିଶାଇ ମୋଟ୍ ୩୭୫ ଜଣ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି । ଏଥିପାଇଁ ମୋଟ୍ ୧୯ କୋଟି ୫୬ ଲକ୍ଷ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶିର ବ୍ୟବସ୍ଥା କରାଯାଇଛି ଏବଂ ବିଶେଷ ଅବସରରେ ନିପୁଣ ଆପର ମଧ୍ୟ ଶୁଭାରମ୍ଭ ହୋଇଛି । ଯାହା ମାଧ୍ୟମରେ ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ, ଶିକ୍ଷାର୍ଥୀ ମାନଙ୍କର ବ୍ୟକ୍ତିଗତ ଶିକ୍ଷଣ ଦକ୍ଷତା ଆକଳନ, ଶ୍ରେଣୀଗୃହ ସୁପରିଚାଳନା ଦିଗରେ ସହାୟକ ହେବ । ୧୦ ଜଣଙ୍କୁ ଓଡ଼ିଆ ଭାଷା ବୃଦ୍ଧି ପୁରସ୍କାରରେ ସମ୍ମାନିତ କରାଯାଇ । ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ୨୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ୧୦୦୦ରୁ ଅଧିକ ସରକାରୀ ଅଧିକାରୀ, କର୍ମଚାରୀ ଯୋଗ ଦେଉଛନ୍ତି। ଛାତ୍ରଛାତ୍ରୀମାନଙ୍କ ପାଇଁ ଜ୍ଞାନର ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ଓ ଭାବ ବିନିମୟ, ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ, ମଡେଲ୍ ସୁନାମଚେନ୍ଦ୍ର ନେସନ୍ ପାଭିଲିୟନ୍, ବିଭିନ୍ନ କର୍ମଶାଳା, ପ୍ରଦର୍ଶନୀ ଏବଂ ବକ୍ତୃତ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

କେଜ୍ରିୱାଲଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହତ୍ୟା ଧମକ

୭ କୋଟି ଟଙ୍କା ଦାଦାବଟି ଦାବି

ନୂଆଦିଲ୍ଲୀ: ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ହତ୍ୟା ଧମକ ଦିଆଯିବା ସହ ୭ କୋଟି ଟଙ୍କାର ଦାଦାବଟି ଦାବି କରାଯାଇଥିବା ଅଭିଯୋଗ ହୋଇଛି। ଆପ୍ ବିଧାୟକ ଜରନୈଲ ସିଂହ ପୁଲିସ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, ନିଜକୁ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ବୋଲି ପରିଚୟ ଦେଇଥିବା ଜଣେ ବ୍ୟକ୍ତି ଦାବି ମୁତାବକ ଅର୍ଥ ନମିଳିଲେ କେଜ୍ରିୱାଲ ଏବଂ ତାଙ୍କ ଝିଅ ହର୍ଷିତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛି।

ଦିଲ୍ଲୀର ତିଳକ ନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଜରନୈଲ ସିଂହଙ୍କ ନିକଟକୁ ଧମକପୂର୍ଣ୍ଣ ଫୋନ୍ କଲ୍ ଏବଂ ହ୍ୱାଟ୍ସଆପ୍ ମେସେଜ୍ ଆସିବା ପରେ ସେ ଗତ ନଭେମ୍ବର ୬ ତାରିଖରେ ପଞ୍ଜାବର ମୋହାଲି ସ୍ଥିତ ବରିଷ୍ଠ ପୁଲିସ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏଥିସହିତ ସେ କେଜ୍ରିୱାଲ ଏବଂ ତାଙ୍କ ପରିବାର ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ମୋହାଲିର ସାଇବର କ୍ରାଇମ୍ ଥାନାକୁ ତଦନ୍ତ ଭାର ହସ୍ତାନ୍ତର କରିଛି। ଅଭିଯୁକ୍ତର କଲ୍ ରେକର୍ଡ, ଆଇପି ଲଗ୍ ଏବଂ ଲୋକେସନ୍ ତଥ୍ୟ ଯାଞ୍ଚ କରି ପୁଲିସ ତଦନ୍ତ ଚଳାଇଛି।

ଉଲ୍ଲେଖଯୋଗ୍ୟ ଯେ, ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ନେଟୱର୍କ ନିୟମିତ ଭାବେ ଦେଶର ପ୍ରମୁଖ ସେଲିବ୍ରିଟି, ଗାୟକ ଏବଂ ରାଜନେତାମାନଙ୍କୁ ଟାର୍ଗେଟ କରିଆସୁଛି। ଗତ ମାସରେ ମୁମ୍ବାଇରେ ବଲିଉଡ୍ ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରକୁ ତିନି ଜଣ ଦୁର୍ବୃତ୍ତ ଗୁଳି ଚଳାଇବା ପରେ ଏହି ଗ୍ୟାଙ୍ଗ ପୁଣିଥରେ ଚର୍ଚ୍ଚାକୁ ଆସିଥିଲା, ଯେଉଁ ଆକ୍ରମଣ ପାଇଁ ଆମେରିକାରେ ରହୁଥିବା ଅନିଲ ପଣ୍ଡିତ ନିଜକୁ ଦାୟୀ କରିଥିଲା।

ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫବିଆଇ ବିଷ୍ଣୋଇର ସହଯୋଗୀ ଗୋଲ୍ଡି ବ୍ରାରକୁ ଖୋଜୁଥିବାରୁ ତା ଉପରୁ ନଜର ହଟାଇବା ପାଇଁ ଅନିଲ ପଣ୍ଡିତ ଏବେ ଗ୍ୟାଙ୍ଗ ତରଫରୁ ଆଗକୁ ଆସୁଥିବା କୁହାଯାଉଛି। ପୂର୍ବରୁ ଏହି ଗ୍ୟାଙ୍ଗ ସଲମାନ ଖାନ୍, ରଣବୀର ସିଂହ, ଆମୀର ଖାନ୍ ଏବଂ ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କୁ ଧମକ ଦେଇଥିବା ବେଳେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ଏବଂ ମହାରାଷ୍ଟ୍ରର ନେତା ବାବା ସିଦ୍ଦିକିଙ୍କ ହତ୍ୟାକାଣ୍ଡରେ ମଧ୍ୟ ଏହି ଗ୍ୟାଙ୍ଗର ସମ୍ପୃକ୍ତି ରହିଥିଲା।

ଖୁବଶୀଘ୍ର ସଂସଦର ସ୍ୱତନ୍ତ୍ର ଅଧିବେଶ

ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ଲକ୍ଷ୍ୟରେ ସରକାର

ନୂଆଦିଲ୍ଲୀ, ୧୨।୧୧: ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଖୁବଶୀଘ୍ର ସଂସଦର ସ୍ୱତନ୍ତ୍ର ଅଧିବେଶ ଡାକିବେ ସରକାର। ମହିଳା ସଂରକ୍ଷଣକୁ ଲାଗୁ କରିବା ପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ବିଲକୁ ପାରିତ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶ ଡାକିବାକୁ ଯୋଜନା କରିଛନ୍ତି। ଯେକୌଣସି ମୁହୂର୍ତ୍ତରେ ସରକାର ଅଧିବେଶନ ଆରମ୍ଭର ତାରିଖ ଘୋଷଣା କରିପାରନ୍ତି। ପୂର୍ବରୁ ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ ପାରିତ କରିବାରେ ବିଫଳ ହୋଇଥିଲେ ସରକାର। ଏହା ସମ୍ବିଧାନ ସଂଶୋଧନ ସହ ଜଡ଼ିତ ହୋଇଥିବାରୁ ବିଲ୍ ପାରିତ ପାଇଁ ଗୃହର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର।

ପୂର୍ବରୁ ଏହାକୁ ଯୋଗାଡ଼ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏଥର ବିଲ୍ ସପକ୍ଷରେ ସଦସ୍ୟ ଯୋଗାଡ଼ କରିବା ନେଇ ବେଶ ଆଶାବାଦୀ ରହିଛନ୍ତି। ସମ୍ବିଧାନ ସଂଶୋଧନ ବିଲ୍ ଆବଶ୍ୟକ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଠାରୁ ଅଧିକ ୧୫ରୁ ୧୮ଟି ଭୋଟ ପାଇବ ବୋଲି ସରକାରୀ ସୂତ୍ରରେ କୁହାଯାଇଛି। ତେବେ ସଂସଦର ସ୍ୱତନ୍ତ୍ର ଅଧିବେଶନର ତାରିଖ କିମ୍ବା ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଏ ସୂତ୍ରରେ କିଛି ବି କୁହାଯା

ଖଇନି ମାଗିବାରୁ ବୃଦ୍ଧଙ୍କୁ ପିଟି ପିଟି ହତ୍ୟା!

'ମାଗଣାଖିଆ' କହିବାରୁ ଉତ୍‌କ୍ଷିପ୍ତ ହେଲେ ଯୁବକ
ଠେଙ୍ଗାରେ ନିର୍ମମ ଆକ୍ରମଣ
୧୪ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ, ଅଭିଯୁକ୍ତ ଗିରଫ

କୁଚିଣ୍ଡା ୧୨/୧୧(ଆନିସ): ଟିକିଏ ଖଇନି ମାଗିବାରୁ ଆରମ୍ଭ ହୋଇଥିବା ବଚସା ଶେଷରେ ଜଣେ ବୃଦ୍ଧଙ୍କ ଜୀବନ ନେଇଗଲା। ଖଇନି ଦେବାକୁ ମନା କରିବା ସହ 'ମାଗଣାଖିଆ' ବୋଲି କହିବାରୁ ଉତ୍‌କ୍ଷିପ୍ତ ହୋଇ ଜଣେ ୭୨ ବର୍ଷୀୟ ବୃଦ୍ଧଙ୍କୁ ଠେଙ୍ଗାରେ ନିର୍ମମ ଭାବେ ଆକ୍ରମଣ କଲେ ଯୁବକ। ଏହି ଆକ୍ରମଣରେ ଗୁରୁତର ଆହତ ବୃଦ୍ଧ ୧୪ ଦିନ ଧରି ମୃତ୍ୟୁ ସହ ସଂଘର୍ଷ କରିବା ପରେ ଶେଷରେ ଆଖି ବୁଜିଛନ୍ତି। ଘଟଣାରେ ଅଭିଯୁକ୍ତଙ୍କୁ ଜମନକିରା ପୁଲିସ ଗିରଫ କରିଛି। ଏଭଳି ଏକ ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ ଚକୁଳିଆବାହାଲ ଗ୍ରାମରେ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଚକୁଳିଆବାହାଲ ଗ୍ରାମର ୩୨ ବର୍ଷୀୟ ଦୁଷ୍ମନ୍ତ ଖର୍ସେଲ ଗତ ଅକ୍ଟୋବର ୨୫ ତାରିଖରେ ସେହି ଗ୍ରାମର ୭୨ ବର୍ଷୀୟ ବଳରାମ ଖର୍ସେଲଙ୍କୁ ଟିକିଏ ଖଇନି ମାଗିଥିଲେ। ତେବେ ବଳରାମ ତାଙ୍କୁ 'ତୁ ମାଗଣାଖିଆ' ବୋଲି କହିବା ସହ ଖଇନି ଦେବାକୁ ମନା କରିଦେଇଥିଲେ। ଏହି କଥାକୁ ନେଇ ଦୁଷ୍ମନ୍ତ ଉତ୍‌କ୍ଷିପ୍ତ ହୋଇ ଏକ କାଠ ଠେଙ୍ଗାରେ ବଳରାମଙ୍କୁ ନିଷ୍ଠୁକ ମାଡ଼ ମାରିଥିଲେ। ଫଳରେ ବଳରାମ ଗୁରୁତର ଆହତ ହୋଇଥିଲେ। ଆକ୍ରମଣ ପରେ ବଳରାମଙ୍କୁ ଚିକିତ୍ସା କରାଯାଉଥିଲା। ମାତ୍ର ଦୀର୍ଘ ୧୪ ଦିନ ପରେ ଗତ ନଭେମ୍ବର ୮ ତାରିଖରେ ଆଘାତଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଜମନକିରା ଥାନା କେସ୍ ନଂ ୧୮୫, ତାରିଖ ୦୩.୧୧.୨୦୨୬ରେ ବିଏନଏସ୍‌ର ଧାରା ୧୨୬(୨)/୧୧୭(୨)/୧୦୯(୧)/୧୦୩(୧) ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତ ଦୁଷ୍ମନ୍ତ ଖର୍ସେଲଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କାଠ ଠେଙ୍ଗା ଜବତ କରିଛି। ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଟିକିଏ ଖଇନିକୁ ନେଇ ଆରମ୍ଭ ହୋଇଥିବା ବଚସାର ଏଭଳି ମର୍ମନ୍ତୁଦ ପରିଣତି ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ ି କରିଛି। ସାମାନ୍ୟ କଥାରେ ହିଂସାର ରୂପ ନେଇଥିବା ଏହି ଘଟଣା ମଣିଷର ସଂଯମତା ଓ ସହନଶୀଳତା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି।

ହଳଦିଡିହ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରଙ୍କ ବଦଳିକୁ ବିରୋଧ

ବିଂଝାରପୁର , ୧୨।୧୧ (ଆନିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ହଳଦିଡିହ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଅରୁଣ କୁମାର ସାହୁଙ୍କ ବଦଳିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖର ପ୍ରାୟ ୬ଟି ପଞ୍ଚାୟତର ଲୋକେ ଚିକିତ୍ସା ପାଇଁ ନିର୍ଭର କରୁଥିବାବେଳେ ଏଠାରୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଦୂରତା ପ୍ରାୟ ୨୫ କିଲୋମିଟର। ତେଣୁ ଏହି କେନ୍ଦ୍ରଟି ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଏକମାତ୍ର ଚିକିତ୍ସା ଭରସା ପାଲଟିଛି।ଡାକ୍ତର ଅରୁଣ କୁମାର ସାହୁ ଏଠାରେ କାର୍ଯ୍ୟରେ ଯୋଗଦେବା ପରଠାରୁ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଭଳି ସ୍ଥିତିରେ ତାଙ୍କର ଅନ୍ୟତ୍ର ବଦଳି ହୋଇଥିବା ଖବର ପ୍ରଚାରିତ ହେବା ପରେ ରୋଗୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ନିରାଶା ସହ ଅସନ୍ତୋଷ ଦେଖାଦେଇଛି। ଜନସ୍ୱାର୍ଥ ଦୃଷ୍ଟିରୁ ଡାକ୍ତର ସାହୁଙ୍କ ବଦଳି ନିଷ୍ପତ୍ତି ତୁରନ୍ତ ବାତିଲ କରିବାକୁ ବିଶ୍ୱନାଥ ବେହେରା, ରାଧାଶ୍ୟାମ ପରିଡ଼ା, ଗଣେଶ ଗୁରୁ, ଗୁରିଆ ଗୁରୁ, ସନାତନ ସାହୁ, ହରେକୃଷ୍ଣ ପରିଡ଼ା, କମଳା ଦାସ, ତୋଫାନ ବାରିକ ଓ ଶ୍ରମ ମଲିକ ଦାବି କରିଛନ୍ତି। ଏହି ଦାବି ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ନଦେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍?ଓ) ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟିର ନବମ ପ୍ରତିଷ୍ଠା ଦିବସ

ସମାଜ ଆଗକୁ ବଢ଼ିଲେ ଦେଶର ପ୍ରଗତି ହୋଇଥାଏ

କୁଚିଣ୍ଡା, ୧୨।୧୧ (ଆନିସ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ପାଣ ସମାଜ ସଭାଗୃହ ଠାରେ କୁଚିଣ୍ଡା ବ୍ଲକ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।ପଣ୍ଡିଆଢିପା ସଭାପତି ଟଙ୍କଧର ପାତ୍ର ଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପଣ୍ଡିଆଢିପା ଉପ ସଭାପତି ଦୁଖବନ୍ଧୁ ବାଦୀ, ବ୍ଲକ ଉପଦେଷ୍ଟା ଗୟାଧର ଭଞ୍ଜ,ଟିକେଶ୍ୱର ହଂସ,କେ ଜମନକିରା ସଭାପତି ସୋମବାରୁ ସିଂ ପ୍ରମୁଖ ମୁଖ୍ୟ ଭାବେ ଉପସ୍ଥିତ ରହି ସମାଜର ଉନ୍ନତି କାମନା କରିବା ସହିତ, ଛାତ୍ରଛାତ୍ରୀ ମାନେ କିପରି ଶିକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ କୃତିତ୍ୱ ହାସଲ କରି ସମାଜରେ ପ୍ରତିଷ୍ଠିତ ହେବେ ସେ ଉପରେ ଗୁରୁତ୍ୱାରୋପ କରି ଆଲୋଚନା କରିଥିଲେ।ଏହା ସହିତ ସମାଜ ଆଗକୁ ବଢ଼ିଲେ ଦେଶର ପ୍ରଗତି ହୋଇଥାଏ ଏହି ଲକ୍ଷ୍ୟରେ କୁଚିଣ୍ଡା ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟି ସଂଗଠନ ଆହୁରି ମଜବୁତ ହେବ ସେଥିପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବା ପରେ ସମ୍ବିଧାନ ପ୍ରଣେତା ଡ଼ ଭିମରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ କୁ ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ପରିଚାଳନା କରିଥିବାବେଳେ, ଶେଷରେ ବ୍ଲକ ସହ ସମ୍ପାଦକ ତ୍ରିନାଥ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରତ୍ନାକର କୁସୁମ, ଗୋପବନ୍ଧୁ ସିଂ,ସନାତନ ମହାନର୍ଦ୍ଦିଆ,ଗୋକୁଳ ଦେହୁରୀ,କୁନ୍ତରା ସଭାପତି ତରଣୀ ବାଘ ଙ୍କ ସମେତ ସମାଜ ର ଅନେକ ଜନସାଧାରଣ ସାମିଲ ହୋଇଥିଲେ।

ଜନଜାତୀୟ ଗୌରବ ଦିବସ ଅବସରରେ ଜିଲ୍ଲାବ୍ୟାପୀ କାର୍ଯ୍ୟକ୍ରମ କରିବ ଜିଲ୍ଲା ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା

କେନ୍ଦୁଝର, ୧୨।୧୧ (ଆନିସ):ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ପାଳିବ ଧର୍ତ୍ତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ। ଏହି ଦିବସ ପାଳନ ଉପଲକ୍ଷେ ଆଜି କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜନଜାତି ଗୌରବ ଦିବସକୁ ସମଗ୍ର ଜିଲ୍ଲାରେ, ଜନଜାତି ସମାଜର ପୁର ପଲ୍ଲୀରେ ବ୍ୟାପକ ଭାବରେ ପାଳନ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଜଙ୍ଗଲ,ପରିବେଶ ଓ ଜଳବାୟୁ ଶ୍ରୀଯୁକ୍ତ ଗଣେଶରାମ ସିଂ ଖୁଣ୍ଟିଆ ପ୍ରେସ ମିଟ ମାଧ୍ୟମରେ ଜଣାଇଲେ। ଏହି ସାମ୍ବାଦିକ ସମ୍ମିଳନୀ କୁ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ପ୍ରବୀର ରଞ୍ଜନ ନାୟକ ପରିଚଳନା କରିଥିବା ବେଳେ ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡ଼ା. ଫକୀର ମୋହନ ନାଏକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ଏସ୍ ଡିସି ଚେୟାରମେନ ଶ୍ରୀମତୀ ମମିତା ନ।ଏକ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୪ ନଭେମ୍ବର ୨୦୨୬ ରେ ସମସ୍ତ ଜନଜାତୀୟ ସ୍ମାରକ ଏବଂ ସାର୍ବଜନୀନ ସ୍ଥାନରେ ସ୍ଥାପିତ ପ୍ରତିମାଗୁଡ଼ିକର ସଫେଇ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଯିବା। ସେହି ଦିନ ସନ୍ଧ୍ୟାରେ ସମସ୍ତ ଜନଜାତୀୟ ସ୍ମାରକ ଓ ସାର୍ବଜନୀନ ସ୍ଥାନରେ ଦୀପୋତ୍ସବ ଆୟୋଜନ କରାଯିବ। ମାଲ୍ୟାର୍ପଣ ଓ ପୁଷ୍ପାଞ୍ଜଳି ୧୫ ନଭେମ୍ବର ୨୦୨୬ରେ ଜିଲ୍ଲାସ୍ତରରେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମାରେ ଏବଂ ଜନଜାତୀ ବହୁଳ ମଣ୍ଡଳରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବ। ଜନଜାତୀୟ ସ୍ୱାଭିମାନ ସମ୍ମିଳନୀ, ମେଳା ଓ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନସମସ୍ତ ଜନଜାତୀବହୁଳ ମଣ୍ଡଳ ରେ ଜନଜାତୀୟ ସମାଜର ସାଂସ୍କୃତିକ ପରମ୍ପରା ଓ ଗୌରବମୟ ଇତିହାସକୁ ପ୍ରଦର୍ଶିତ କରୁଥିବା ଶୋଭାଯାତ୍ରା, ଜନସଭା, ଜନଜାତୀୟ ଲୋକକଳା, ଲୋକନୃତ୍ୟ, ଲୋକଗୀତ, ସାହିତ୍ୟ ଓ ପାରମ୍ପରିକ ଜ୍ଞାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ ମେଳା ଆୟୋଜନ କରାଯିବ । ଜନଜାତୀୟ ବିଭୂତିମାନଙ୍କୁ ସମ୍ବର୍ଦ୍ଧନା ଗତ ୧୨ ବର୍ଷ ମଧ୍ୟରେ ପଦ୍ମ ପୁରସ୍କାରରେ ସମ୍ମାନିତ ସମସ୍ତ ଜନଜାତୀୟ ବ୍ୟକ୍ତିତ୍ୱ, 'ମନ୍ କି ବାତ୍‌ରେ ଉଲ୍ଲେଖିତ ଜନଜାତୀୟ ଗୋଷ୍ଠୀ ଓ ସାମାଜିକ ନାୟକ, ସମାଜସେବୀ, ଜନଜାତୀୟ ନାୟକମାନଙ୍କ ପରିବାରବର୍ଗ, ଜନଜାତୀୟ ସମାଜର ପ୍ରବୁଦ୍ଧ, ବିଶିଷ୍ଟ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ପ୍ରବୀର ରଞ୍ଜନ ନାୟକ ସୂଚନା ଦେଇଛନ୍ତି।



ଆଞ୍ଚଳିକ କୃଷକ ସଂଘଠନ ବୈଠକ



ସୋନପୁର /ବିନିକା ୧୨/୧୧(ଆନିସ)ସୋନପୁର ବ୍ଲକ ଛକୋରମାଳ ପଞ୍ଚାୟତ ବିଶେଶ୍ୱରପାଲି ମହିମା ଆଶ୍ରମ ଠାରେ ଆଞ୍ଚଳିକ କୃଷକ ସଂଘଠନ ର ବୈଠକ ଅନୁଷ୍ଠିତ ହୋଇଯାଇଛି ଗ୍ରାମ ସ୍ୱରାଜ ବିକାଶ ସମିତି ର ସଭାପତି ଦିଲ୍ଲୀପ କୁମାର ମହନ୍ତ ଙ୍କ ଙ୍କ ଅଧକ୍ଷତାରେ ଆୟୋଜିତ ବୈଠକ ରେ ଲଛିପୁର ଓ ଛକୋରମାଳ ପଞ୍ଚାୟତ ର ଚାଷୀ ମାନେ ଯୋଗ ଦେଇଥିଲେ ବୈଠକ ରେ ଅଞ୍ଚଳର ଚାଷୀ ମାନଙ୍କର ସମସ୍ୟା କୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଆଗାମୀ ଦିନରେ ଚାଷୀ ଧାନ ମଣ୍ଡିରେ ସୁଚାରୁ ରୁପେ ଓ ସଠିକ ମୂଲ୍ୟରେ ଧାନ ବିକ୍ରି କରିପାରିବେ ସେନେଇ ଆଲୋଚନା କରାଯାଇଥିଲା ।

ଏହି ଅବସରରେ ସର୍ବସମ୍ମତି କ୍ରମେ ଏକ କମିଟି ଗଠନ କରାଯାଇଥିଲେ କମିଟି ର ସଭାପତି ଭାବେ ଦୁର୍ଯୋଧନ କୁୟାର ଓ ସମ୍ପାଦକ ଭାବେ ରାମ ଗୋପାଲ ମେହେର ଙ୍କୁ ମନୋନୀତ କରଯାଇଥିଲା ସେହିପରି ଉପଦେଷ୍ଟା ଭାବେ କ୍ଷିରୋଦ୍ର ଭୋଇ, ଦାମୋଦର ମହାକୁର, ଗିରିଶ ଚନ୍ଦ୍ର ପଣ୍ଡା, ସଞ୍ଜୟ ପଧାନ, ମନକର କ୍ଷେତି ଙ୍କୁ ରଖାଯାଇଛି ବୈଠକରେ ଦାସ ମହାକୁର, ଯୁଗେଶ୍ୱର ପଣ୍ଡା, ଅଶୋକ ମହାକୁର, ମହେଶ୍ୱର କଳତା,ବାସୁ ମହାକୁର, ଜଟ୍ଟେଜୟ କର୍ମି, ଭ୍ରମର ପଧାନ, ଲଳିତ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ ।

ଅଚଳ ଷ୍ଟ୍ରିଟ୍ ଲାଇଟ୍ ଉପରେ ପିଇଓ ଓ ବିଡ଼ିଓଙ୍କ ଦୃଷ୍ଟି ପଡୁ



ଖପ୍ରାଖୋଲ ୧୨।୧୧ (ଆନିସ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗ୍ରାମର ମୁଣ୍ଡା ପଡ଼ା ଠାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘ ଦିନ ହେଲା ଅଚଳ ପଡ଼ିରହିଛି ତାହା ମରାମତି ହେଉନାହିଁ । ଖପ୍ରାଖୋଲ ପଞ୍ଚାୟତ ତରଫରୁ ମହୁରୁଣ୍ଡି ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲାଗିଛି କିନ୍ତୁ ମୁଣ୍ଡା ପଡ଼ାର ଜଳୁନଥିବା ନେଇ ବାରମ୍ବାର ଖବର ମାଧ୍ୟମରେ ପ୍ରକାଶିତ ହେଉଛି ।

ରାତି ହେଲେ ମୁଣ୍ଡା ପଡ଼ା ଅନ୍ଧକାରମୟ ହୋଇ ପଡୁଛି । ଏନେଇ ଗତକିଛି ଦିନ ହେବ ଖବର ପ୍ରକାଶିତ କରି ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଣଦେଖା କରି ଦୃଷ୍ଟି ଦେଉନାହାନ୍ତି ବିଡ଼ିଓ ଏବଂ ଖପ୍ରାଖୋଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚ । ଶୁଣାଯାଏ, ପଞ୍ଚାୟତ ତରଫରୁ ଗାଁ ମାନଙ୍କୁ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ର ହଜାର ହଜାର ଟଙ୍କା ବିଲ ପେଠ ହେଉଛି ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଗାଁ ମାନଙ୍କର ଷ୍ଟ୍ରିଟ୍ ଲାଇଟ୍ ମାସ ମାସ ଧରି ଅଚଳ ପଡ଼ିରହିଛି ତ ଆଉ କେଉଁ ଗାଁ ମାନଙ୍କର ଷ୍ଟ୍ରିଟ୍ ଲାଇଟ୍ ଭଲ ଭାବେ ଜଳୁନାହିଁ ଲୋକେ ଅନ୍ଧାରେ ଯିବା ଆସିବା କରୁଛନ୍ତି ତାହେଲେ ଏତେ ଟଙ୍କା ପେଠ କେମିତି ହେଉଛି ସେ ନେଇ ଏବେ ଚର୍ଚ୍ଚାର ବିଷୟ ସାଜିଛି । ଭିଜିଲାନ୍ସ ବିଭାଗ ତୁରନ୍ତ ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି ।

ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ଫୁଲବାଣୀ ପୌର ପରିଷଦର ଉଦ୍ୟମ



ଫୁଲବାଣୀ, ୧୨।୧୧ (ଆନିସ): ଫୁଲବାଣୀ ସହରକୁ ସୁନ୍ଦର ପରିବେଶ, ସ୍ୱଚ୍ଛତା, ସାଙ୍ଗକୁ ଅଧିକ ମନଲୋ ଭା ଓ ଆକର୍ଷଣୀୟ କରିବା ପାଇଁ ଫୁଲବାଣୀ ମ୍ୟୁନିସିପାଲଟି ଅଞ୍ଚା ଭିଡିଛି ଗତ ଏକ ବର୍ଷ ହେଲା ଫୁଲବାଣୀ ସହର ର ସୋନ୍ଦର୍ଯ୍ୟ ବୃଦ୍ଧି ପାଇଁ କୋଟି କୋଟି ଟଙ୍କା ବ୍ୟୟ ରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇଛି ଏସବୁକେଳ ସମ୍ଭବ ହୋଇଛି ମ୍ୟୁନିସିପାଲଟି ଅଧକ୍ଷା ଶ୍ରୀମତି ପାୟଲ ବେହେରା ଓ କାଉନସିଲର ଙ୍କ ସମେତ ଦକ୍ଷ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଙ୍କ ଯୋଗୁଁ ପୋରଧକ୍ଷା ପାୟଲ ବେହେରା ଓ ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା,କାର୍ଯ୍ୟ ଦକ୍ଷତା, ଆଗ୍ରହ ଓ ସଚ୍ଚୋଟତା ଯୋଗୁଁ ଗତ ବର୍ଷ ଠାରୁ ଉନ୍ନୟନ ମୂଳକ କାର୍ଯ୍ୟ ଜୋର ସୋରରେ ଚାଲିଛି । ସହରରେ ଉନ୍ନତ ଆଲୋକିକରଣ ବ୍ୟବସ୍ଥା, ଆକର୍ଷଣୀୟ ୱେଇଟିଂ ରୁମ୍, ଗୋପବନ୍ଧୁଚକ ରେ ନେସନାଲ ଫ୍ଲାଗ ସ୍ଥାପନ, ସେଣ୍ଟ୍ରାଲ ଏ ସି, ଏଲ ଇ ଡି ସ୍କ୍ରିନ, ସାଉଣ୍ଡ ସହ ଅତ୍ୟାଧୁନିକ ବ୍ୟବସ୍ଥା ସହ ଗାନ୍ଧୀ ସ୍ମୃତି ଭବନ ର ନବୀକରଣ, ନୂତନ ମାର୍କେଟ କମ୍ପ୍ଲେକ୍ସ, ଆଦି ନିର୍ମାଣ କରଯାଇଥିବା ବେଳେ ଦୀର୍ଘ ବର୍ଷ ଧରି ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ମଧୁସୂଦନ ପାର୍କ କୁ ନୂତନ ଭାବେ ଅତ୍ୟାଧୁନିକ ଶୈଳୀରେ ଆକର୍ଷଣୀୟ କରି ନିର୍ମାଣ କରାଯିବା ସହ ନୂତନ ଫୁଡ୍ କୋର୍ଟ ନିର୍ମାଣ କାର୍ଯ୍ୟଶେଷ ପର୍ଯ୍ୟାୟ ରେ ପହଞ୍ଚିଛି । ଆଉ ଦିନ କେଇଟା ଗଲେ ଉଦଘାଟନ ହେବ ଆଗକୁ ଆଉ ଏକ ନୂତନ ଅଡିଟୋରିୟମ ନିର୍ମାଣ,ନୂତନ ପୌର କାର୍ଯ୍ୟାଳୟ,ବଜାର ବନ୍ଧ ର ନବୀକରଣ ସମେତ ଆହୁରି ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନିଆଯିବ ବୋଲି କୁହାଯାଇଛି ଫଳରେ ପୌରଧକ୍ଷା ଶ୍ରୀମତୀ ପାୟଲ ବେହେରା ଓ ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଙ୍କୁ ସହର ବାସୀ, ବୁଦ୍ଧିଜୀବି ମାନେ ପ୍ରଶଂସା କରିଛନ୍ତି କେବଳ ଏତିକି ନୁହେଁ ସହର ର ରାସ୍ତାଘାଟ ସବୁ ଦିନକୁ ଦୁଇଥର ସଫେଇ କରାଯିବା ସହ ଡ୍ରେନ ମରାମତି ଓ ସଫେଇ ନିୟମିତ କରାଯାଉଥିବା ଦେଖିବାକୁ ମିଳିଛି ସହରାଞ୍ଚଳ ବିକାଶ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବଣୁଆ ଙ୍କ ସମେତ ଜିଲ୍ଲାପାଳ କନ୍ଧମାଳ ବେଦ ଭୂଷଣ ଙ୍କ ନିର୍ଦ୍ଦେଶ ଓ ଆନ୍ତରିକ ସହଯୋଗ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଏ ସବୁ କାର୍ଯ୍ୟ ଉନ୍ନତ ମାନର ହେଉଥିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପ୍ତ ହେଉଥିବା ଦେଖିବାକୁ ମିଳିଛି।

■ ଓସ୍ତପଡ଼ା ଗ୍ରାମରେ ହାତୀ ଆତଙ୍କ

ଦାଣ୍ଡ ଦୁଆରେ ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା

କ୍ଷତିପୂରଣ ଓ ନିୟମିତ ପାଟ୍ରୋଲିଂ ଦାବିରେ ଉତ୍ତେଜନା

ରଣପୁର,୧୨/୧୧ (ଆନିସ): ଘର ଦାଣ୍ଡ ଦୁଆରେ ଠିଆ ହୋଇଥିବା ବେଳେ ଦନ୍ତା ହାତୀର ଆକ୍ରମଣରେ ଜଣେ ୭୧ ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ହେଇଛି । ଖୋର୍ଦ୍ଧା ବନଖଣ୍ଡ ରଣପୁର ବନାଞ୍ଚଳର ଚାନ୍ଦପୁର ଥାନା ଅଧୀନ ଓସ୍ତପଡ଼ା ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ବୃଦ୍ଧା ହେଲେ ଓସ୍ତାପଡ଼ା ଗ୍ରାମର ମଞ୍ଜୁ ଜେନା(୭୧)।

ସୂଚନା ଅନୁଯାୟୀ, ମଞ୍ଜୁ ନିଜ ଘର ଦାଣ୍ଡ ଦୁଆରେ ଠିଆ ହୋଇଥିବା ସମୟରେ ହଠାତ୍ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ତାଙ୍କୁ ଦଳି ଚକଟି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ଜୀବନ ଚାଲିଯାଇଥିଲା। ଆକ୍ରମଣ ପରେ ଦନ୍ତାଟି ଦୀର୍ଘ ସମୟ ଧରି ରାସ୍ତା ଉପରେ ଛକି ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା।

ଖବର ପାଇ ରଣପୁର ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ରଣପୁର ରେଞ୍ଜର ସିଧୁ ଚରଣ ସିଂ ତୁରନ୍ତ ପହଞ୍ଚି ଉଦ୍ଧ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି

ବନ୍ୟା ବିପନ୍ନଙ୍କୁ ଭାରତ ବିକାଶ ପରିଷଦର ରିଲିଫ୍ ବଣ୍ଟନ

ଦୁଇଟି ବ୍ଲକର ଦୁଇଟି ଗ୍ରାମରେ ସହାୟତା ପ୍ରଦାନ, ଖର୍ଚ୍ଚ ହେଲା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା



ବ୍ରହ୍ମପୁର,୧୨।୧୧ (ଆନିସ): ଭାରତ ବିକାଶ ପରିଷଦ, ବ୍ରହ୍ମପୁର ଶାଖା ପକ୍ଷରୁ ଗଞ୍ଜାମ ଜିଲ୍ଲାର ବନ୍ୟା ବିପନ୍ନଙ୍କ ପାଇଁ ତୃତୀୟ ପର୍ଯ୍ୟାୟ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଧରାକୋଟ ଓ ସୋରଡ଼ା ବ୍ଲକର ଭରତପଲ୍ଲୀ ଏବଂ ତତାବାଲି ନିକଟସ୍ଥ ଦୁଇଟି ଅନୁସୂଚିତ ଜାତି ବସ୍ତିରେ ଅନୁଷ୍ଠିତ ହୋଇଯାଇଛି।

ବନ୍ୟାରେ ସର୍ବସ୍ୱ ହରାଇଥିବା ଅସହାୟ ପରିବାରଗୁଡ଼ିକୁ ଶୁଖିଲା ଖାଦ୍ୟ, ରନ୍ଧନ ତେଲ, ସାବୁନ, ପଟି, କପ୍ଡ଼ଳ, ଆଳୁ, ପିଆଜ, ଲୁଣ, ପୋଷାକ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିସହ ଛୋଟ ପିଲାମାନଙ୍କୁ ବହି, ଖାତା, କଲମ ଓ ବିସ୍କୁଟ୍ ପ୍ରଦାନ କରାଯାଇଥିଲା। ଏହି ସେବା କାର୍ଯ୍ୟରେ ପ୍ରାୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯାଇଥିବା ଶାଖାର ସେବା ସଂଯୋଜକ ଧର୍ମା ରାଓ ସୂଚନା ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଶାଖା ସଭାପତି ଶ୍ରୀ ସୀମାଞ୍ଚଳ ଦାଶ, ସମ୍ପାଦକ ଶ୍ରୀ ଶିବରାମ ରେଢ଼ୀ, ସେବା ସଂଯୋଜକ ଧର୍ମା ରାଓ ଏବଂ ପୂର୍ବ କ୍ଷେତ୍ରୀୟ ସେବା ସଂଯୋଜକ ଶ୍ରୀ ପ୍ରସନ୍ନ କୁମାର ଛୋଟରାୟ ଯୋଗ ଦେଇଥିଲେ। ଶାଖାର ବରିଷ୍ଠ ପଦାଧିକାରୀ ଓ ସଦସ୍ୟ ଡ. ପ୍ରାଣ ଚାନ୍ଦ ପଣ୍ଡା, ଅଶୋକ ମହାରଣା, ରୁଦ୍ର ପ୍ରସାଦ ସିଂହଦେଓ, ଶ୍ରୀମତୀ ଜାନକୀ ପାଢ଼ୀ, ମହିଳା ସହଭାଗିତା ସଂଯୋଜିକା ଶ୍ରୀମତୀ ଯାଜ୍ଞସେନୀ ଦେବୀ, ଆରତୀ ପଣ୍ଡା ଓ ପ୍ରଶାନ୍ତ ମହାରଣା ପ୍ରମୁଖ ରିଲିଫ୍ ବଣ୍ଟନରେ ସହଯୋଗ କରିଥିଲେ।

ରିଲିଫ୍ ସେବା କାର୍ଯ୍ୟର ତଦାରଖ କରିବା ପାଇଁ ଭାରତ ବିକାଶ ପରିଷଦ, ଓଡ଼ିଶା ପୂର୍ବ ପ୍ରାନ୍ତର ଅର୍ଥ ସଚିବ ଶ୍ରୀ ସଚ୍ଚିଦାନନ୍ଦ ନାୟକ ଓ ପ୍ରାନ୍ତ ସମ୍ପର୍କ ସଂଯୋଜକ ଶ୍ରୀ ଜିତେନ୍ଦ୍ର ଦାଶ ମଧ୍ୟ ରିଲିଫ୍ ଟିମ୍ ସହିତ ଉପସ୍ଥିତ ଥିଲେ।

.ଆଗାମୀ ୧୪ ତାରିଖରେ ଆସିକା ଓ ଭଞ୍ଜନଗର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳରେ ଚତୁର୍ଥ ପର୍ଯ୍ୟାୟ ରିଲିଫ୍ ବଣ୍ଟନ କରାଯିବ ବୋଲି ଶାଖା ସମ୍ପାଦକ ଶ୍ରୀ ଶିବରାମ ରେଢ଼ୀ ସୂଚନା ଦେଇଛନ୍ତି।

ଏହି ମାନବିକ ସେବା କାର୍ଯ୍ୟରେ ସହଯୋଗ କରିଥିବା ଭାରତ ବିକାଶ ପରିଷଦର ସମସ୍ତ ସଦସ୍ୟ ଏବଂ ସାନ୍ ଆଣ୍ଡ ନୀଲ୍ ଫାଉଣ୍ଡେସନର ସଦସ୍ୟମାନଙ୍କୁ ଶାଖା ସଭାପତି ଶ୍ରୀ ସୀମାଞ୍ଚଳ ଦାଶ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ମାନବସେବା କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ମାନବ ସେବା ହିଁ ମାଧବ ସେବା ଏହି ମହତ୍ ଉଦ୍ଦେଶ୍ୟକୁ ନେଇ ପରିଷଦର ଏଭଳି ସେବା କାର୍ଯ୍ୟ ଜାରି ରହିବ।*

ଯୌତୁକ ନିର୍ଯ୍ୟାତନା ଓ ଅତ୍ୟାଚାର ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ।, ଏକ ବର୍ଷ କାରାଦଣ୍ଡ ସମେତ ୫୦୦୦ଟଙ୍କା ଜୋରିମାନା

ପାରଳାଖେମୁଣ୍ଡି,୧୨।୧୧ (ଆନିସ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ରେ ପତ୍ନୀସ୍ୱାମୀଙ୍କୁ ପୁଅର ଜନ୍ମ କାଗଜପତ୍ର, ଆଧାର କାର୍ଡ ତଥା ନିଜର ସୁନାଗହଣା ମାଗିବାକୁ ନେଇ ସୃଷ୍ଟି ହୋଇଥିବା ପାଟିତୁଣ୍ଡରେ ଧର୍ମପତ୍ନୀଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରା ଜଜ (ମହିଳା ଅଦାଲତ) ଶ୍ରୀମତୀ ରଶ୍ମିତା ସାହୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୪୯୮କ (ଅତ୍ୟାଚାର କରିବା) ତଥା ୩୨୩(ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ପ୍ୟାଲେସ ଷ୍ଟ୍ରିଟର ପ୍ରିୟତମ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି କଠୋର ସଜା ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ଉକ୍ତ ମାମଲାକୁ ସଫଳ ଭାବେ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟ, ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ପ୍ୟାଲେସ ଷ୍ଟ୍ରିଟ ସାହିର ଏତଲାକାରିଣୀ ସସ୍ମିତା ବେହେରା ତା ୧୬-୦୩-୨୦୨୧ରିଖ ଦିନ ସକାଳ ଆଠଟା ସମୟରେ ନିଜ ଶାଶୁ ଘରକୁ ଯାଇ ଯେତେବେଳେ ନିଜ ପୁଅର ଜନ୍ମ କାଗଜପତ୍ର, ଆଧାର କାର୍ଡ ତଥା ନିଜର ସୁନାଗହଣା ମାଗିଥିଲେ ସେତେବେଳେ ତାଙ୍କୁ ଶଶୁର ଘର ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ଓ ତାଙ୍କ ସ୍ୱାମୀ ତାଙ୍କୁ ତଳେ ପକାଇ ପ୍ରାଣରେ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ତକିଆରେ ଚାପି ଦେଇଥିଲେ। ଏହା ଦେଖି ତାଙ୍କ ପୁଅ ତାଙ୍କୁ ଉଦ୍ଧାର କରିବାକୁ ଆସିବାରୁ ସିଏ ରକ୍ଷା ପାଇଥିଲେ ବି ତାଙ୍କ ସ୍ୱାମୀଙ୍କର ରାଗ ଶାନ୍ତ ହୋଇନଥିଲା ଓ ସେ ତାଙ୍କ ତଣ୍ଟିକୁ ପୁଣି ଚିପି ଦେଇଥିଲେ। ପୁନର୍ବାର ତାଙ୍କ ପୁଅ ତାଙ୍କୁ ରକ୍ଷା କରିଥିଲେ। କିନ୍ତୁ ଧସ୍ତାଧସ୍ତି ଯୋଗୁଁ ସେ ଆଘାତ ପ୍ରାପ୍ତ ହୋଇଥିଲେ। ସେହିପରି ଏହି ଘଟଣା ପୂର୍ବରୁ ବିବାହ ସମୟରେ ପୁଅ ଘର ଦାବି ମୁତାବକ ସମସ୍ତ ଯୌତୁକ ଜନିତ ଟଙ୍କା ପଇସା ଓ ସୁନା ଗହଣା ଆଦି ଦିଆଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଥରକୁ ଥର ଯୌତୁକ ଦାବି କରି ଏତଲାକାରିଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଇ ତାଙ୍କୁ ଶାଶୁଘରୁ ତଡି ଦେଇଥିଲେ। ସେବେ ଠାରୁ ସେ ନିଜ ବାପଘର ଚନ୍ଦ୍ରଗିରିରେ ନିଜ ପୁଅ ସହ ରହୁଥିଲେ କିନ୍ତୁ ଯେତେବେଳେ ଏହି ପ୍ରମାଣପତ୍ର ତଥା ଆଧାର କାର୍ଡ ମାଗିବାକୁ ଯାଇଥିଲେ ସେତେବେଳେ ଏଭଳି ଅତ୍ୟାଚାରର ଶିକାର ହୋଇଥିଲେ। ଶେଷରେ ନିଜ ଜୀବନ ପ୍ରତି ବିପଦ ଥିବା ଜାଣି ବାଧ ହୋଇ ଏହି ଘଟଣାକୁ ନେଇ ଏତଲାକାରିଣୀ ତା ୧୬-୦୩-୨୦୨୧ ରିଖ ଦିନ ରାତି ୧୦ଟା ସମୟରେ ପାରଳାଖେମୁଣ୍ଡି ଥାନାରେ ମାମଲା ନପୁର ୫୯/୨୦୨୧ରେ ଏକ ମାମଲା ରୁଜୁ କରିଥିଲେ ଏବଂ ତଦ୍ଦାଳୀନ ଏସ.ଆଇ. ଅହଲ୍ୟା ମହାରଣା ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଶେଷରେ ୮ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ଦସ୍ତାବିଜକୁ ଭିତ୍ତି କରି ମାନ୍ୟବର ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୪୯୮କ ଓ ୩୨୩ ଅପରାଧରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଧାରା ୪୯୮କ ରେ ୧ବର୍ଷ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ତଥା ଧାରା ୩୨୩ରେ ୧ବର୍ଷର କାରାଦଣ୍ଡ ସଜା ଶୁଣାଇଛନ୍ତି ।

୪୦୦ରୁ ଊର୍ଦ୍ଧ୍ୱ ବନ୍ୟା ବିପନ୍ନ ପରିବାରକୁ ରିଲିଫ୍ ବଣ୍ଟନ କଲା ଗୋସାଇଁନୂଆଗାଁ ଦୁର୍ଗା ପୂଜା କମିଟି



ବ୍ରହ୍ମପୁର, ୧୨।୧୧ (ଆନିସ):ବିପଦରେ ବନ୍ଧୁ ହୋଇ ଛିଡ଼ା ହେବା ହିଁ ପ୍ରକୃତ ମାନବିକତାର ପରିଚୟ । ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲା ଆସିକା ନିର୍ବାଚନ ମଣ୍ଡଳୀର ନବରତ୍ନପୁର ଗ୍ରାମରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପାଇଁ ମାନବିକତାର ହାତ ବଢ଼ାଇଛି ବ୍ରହ୍ମପୁର ସହର ଅନ୍ତର୍ଗତ ଗୋସାଇଁନୂଆଗାଁ ଦୁର୍ଗା ପୂଜା କମିଟି । କମିଟି ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ୪୦୦ରୁ ଊର୍ଦ୍ଧ୍ୱ ପରିବାରକୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇ ମାନବିକତା ଓ ସାମାଜିକ ସେବାର ଏକ ଉଦାହରଣ ସୃଷ୍ଟି କରିଛନ୍ତି । ବନ୍ୟାରେ କ୍ଷୟକ୍ଷତି ଘଟିଥିବା ପରିବାରକୁ ଏଭଳି ସଙ୍କଟମୟ ପରିସ୍ଥିତିରେ ବନ୍ୟାପୀଡ଼ିତଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ବ୍ରହ୍ମପୁର ସହରର ଗୋସାଇଁନୂଆଗାଁ ଦୁର୍ଗା ପୂଜା କମିଟି ପକ୍ଷରୁ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଚାଉଳ,ଜାଇ,ଚିନି,ଆଳୁ,ସୋୟାବିନ୍ ବଡ଼ି,ବିସ୍କୁଟ,ପାଉରୁଟି ଆଦି ଶୁଖିଲା ଖାଦ୍ୟ ଏବଂ ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ବସ୍ତ୍ର ସହ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି ମହତ କାର୍ଯ୍ୟରେ ବ୍ରହ୍ମପୁର ସହର ଅନ୍ତର୍ଗତ ଗୋସାଇଁନୂଆଗାଁ ଦୁର୍ଗା ପୂଜା କମିଟିର ସଭାପତି ଜଗଦୀଶ ପାଣିଗ୍ରାହୀ,ସମ୍ପାଦକ ସୁକାନ୍ତ କୁମାର ପଣ୍ଡା,କୋଷାଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା,ନରେନ୍ଦ୍ର ପାଣିଗ୍ରାହୀ,ଆଇନଜୀବି ଅଶ୍ୱିନୀ ପଟ୍ଟନାୟକ,ସୁଦର୍ଶନ ମହାକୁଡ଼,ରାମଚନ୍ଦ୍ର ସାହୁ (ବାପି),ପିଙ୍କୁ ମହାରଣା,ସୁଶାନ୍ତ ଚୌଧୁରୀ,ଲିରୁ ସାହୁ,ସାଇ କୁମାର,କେଦାର ପାଣିଗ୍ରାହୀ,ଅନନ୍ତ ରାମ ପ୍ରଧାନ,ପ୍ରଫୁଲ୍ଲ ଚନ୍ଦ୍ର ବେହେରା,ସୁନିଲ କୁମାର ସାହୁ ପ୍ରମୁଖ ସଦସ୍ୟ ଯୋଗଦେଇ ରିଲିଫ୍ ବଣ୍ଟନରେ ସକ୍ରିୟ ସହଯୋଗ କରିଥିଲେ ।

ଦୈନିକଆଶା ପ୍ରଭାବରେ ମରାମତି ହେଲା ପାଣି ପଏଣ୍ଟ, ସ୍ୱାଭାବିକ ହେଲା ଜଳଯୋଗାଣ



ବୈପାରିଗୁଡା,୧୨।୧୧ (ଆନିସ): ଦୀର୍ଘ ପାଞ୍ଚ ଦିନ ଧରି ପାନୀୟ ଜଳ ସମସ୍ୟାକୁ ନେଇ ହନ୍ତସନ୍ତ ହେଉଥିବା ବୈପାରିଗୁଡା ବ୍ଲକ ସଦରମହକୁମା ୨ ନମ୍ବର ୱାର୍ଡବାସୀଙ୍କ ସମସ୍ୟାର ସମାଧାନ ହୋଇଛି। ଏ ସମ୍ପର୍କରେ ଦୈନିକ ଆଶା ଖବରକାଗଜ ରେ ପ୍ରକାଶ ପାଇବା ପରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାମ ମନ୍ଦିର ନିକଟରେ ଥିବା ପାନୀୟ ଜଳ ଯୋଗାଣ ପଏଣ୍ଟକୁ ସଫା କରାଯିବା ସହ ମରାମତି କରାଯାଇଛି। ଫଳରେ ଦୀର୍ଘ ଦିନ ଧରି ଜଳଯୋଗାଣ ବନ୍ଦ ରହିଥିବା ସାହି ବାସୀଙ୍କୁ ଆଶ୍ୱସ୍ତି ମିଳିଛି। ସୂଚନାଯୋଗ୍ୟ, ଜୟପୁର ବାଇପାସ୍? ରାସ୍ତା ସମ୍ପ୍ରସାରଣ ସମୟରେ ସରକାରୀ ଜମିରେ ଥିବା ଦୋକାନ ଓ ଘର ଉଚ୍ଛେଦ କରାଯିବା ବେଳେ ରାମ ମନ୍ଦିର ନିକଟସ୍ଥ ପାନୀୟ ଜଳ ଯୋଗାଣ ପଏଣ୍ଟରେ ମାଟି ଗଦା ହୋଇ ପଶିଯାଇଥିଲା। ଫଳରେ ପଏଣ୍ଟଟି ଅଚଳ ହୋଇପଡ଼ିବା ସହ ସରପଞ୍ଚଙ୍କ ସାହିକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏହାକୁ ନେଇ ୨ ନମ୍ବର ୱାର୍ଡବାସୀ ଦୈନନ୍ଦିନ ପାନୀୟ ଜଳ ପାଇବାରେ ନାନା ସମସ୍ୟା ଭୋଗୁଥିଲେ। ଏ ସମ୍ପର୍କରେ ଦୈନିକଆଶା ରେ ଖବର ପ୍ରକାଶ ପାଇବା ପରେ ପଞ୍ଚାୟତ ପକ୍ଷରୁ ପାଣି ପଏଣ୍ଟର ମରାମତି କରାଯାଇଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଏଥିସହ ଜନସାଧାରଣଙ୍କ ସମସ୍ୟାକୁ ଖବର ମାଧ୍ୟମରେ ପ୍ରଶାସନର ଦୃଷ୍ଟିକୁ ଆଣି ସମାଧାନର ପଥ ଖୋଲି ଥିବାରୁ ସ୍ଥାନୀୟ ଲୋକେ ଦୈନିକଆଶା କୁ ସାଧୁବାଦ ଜଣାଇଛନ୍ତି।

ସଡ଼କ ଦୁର୍ଘଟଣା ଘଟଣାରେ କାର୍ ଚାଳକ ଗିରଫ



କୁକୁଡ଼ାଖଣ୍ଡି,୧୨।୧୧ (ଆନିସ): ଡେଙ୍ଗାପଦର ଗ୍ରାମ ନିକଟରେ କାର ଓ ଅଟୋ ରିକ୍ସା ମଧ୍ୟରେ ମୁହାଁମୁହିଁ ଧକ୍କା ଘଟଣାରେ କାର୍ ଚାଳକ ଙ୍କୁ ଗିରଫ କରିଛି ସଦର ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ପୁରୁଣା ଛତ୍ରପୁର ଗ୍ରାମର ହରି କୃଷ୍ଣ ମହାକୁଡ(୨୯)। ଗିରଫ ପରେ କୋର୍ଟ ଚାଲାଣ କରିଛି।ସୂଚନା ଅନୁଯାୟୀ, ଗତ ନଭେମ୍ବର ୫ ତାରିଖ ରେ କାର ଅଟୋକୁ ଧକ୍କା ହୋଇଥିଲା।ଏହି ମାମଲାରେ କାର୍ ଚାଳକ ହରିକୃଷ୍ଣ ମହାକୁଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସଦର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା କହିଛନ୍ତି।

୧୨ ଏକର ଜମିରୁ ୧୨,୮୦୦ ଗଞ୍ଜେଇ ଗଛ ନଷ୍ଟ କଲା ପାଡୁଆ ପୁଲିସ



ଜୟପୁର,୧୨।୧୧ (ଆନିସ): ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପାଡୁଆ ପୁଲିସର ଚଢ଼ଉ। ହାତୀବାରି ଓ ଡାକିରିପଦର ଗ୍ରାମ ମଧ୍ୟବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ପ୍ରାୟ ୧୨ ଏକର ଜମିରେ ଚାଷ ହୋଇଥିବା ୧୨ ହଜାର ୮୦୦ ଗଞ୍ଜେଇ ଗଛକୁ ପୁଲିସ ନଷ୍ଟ କରିଛି। ବୁଧବାର ସକାଳେ ପାଡୁଆ ଥାନା ଅଧୀନ ହାତୀବାରି ପଞ୍ଚାୟତରେ ଏହି ଚଢ଼ଉ କରାଯାଇଥିଲା।ଏହି ଘଟଣାରେ ପାଡୁଆ ଥାନାରେ କେସ୍ ନଂ ୧୨୨, ତାରିଖ ୧୧.୧୧.୨୦୨୬ରେ ଏନ୍ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ଏ)(I) ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ପାଡୁଆ ଥାନା ଆଇଆଇସି ଟୁନା ପିଡ଼ିକା ସୂଚନା ଦେଇଛନ୍ତି।

ବ୍ରହ୍ମକୁମାରୀସ ଶାନ୍ତିକୁଣ୍ଡ ତରଫରୁ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଠାରେ ଦୀପାବଳୀ ପର୍ବ ପାଳିତ



ବ୍ରହ୍ମପୁର,୧୨।୧୧ (ଆନିସ): ବ୍ରହ୍ମାକୁମାରୀସ ଶାନ୍ତିକୁଣ୍ଡ ତରଫରୁ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଠାରେ ଦିପାବଳୀ ପର୍ବ ଅବସରରେ ଏକ ଆଧାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ରୂପେ ବ୍ରହ୍ମାକୁମାରୀସ ମୁଖ୍ୟାଳୟ ମାଉଣ୍ଟ ଆବୁରୁ ଆସିଥିବା ରାଜଯୋଗୀ ବ୍ରହ୍ମାକୁମାର ଭଗବାନ ଭାଇ ନିଜ ବକ୍ତବ୍ୟରେ କହିଥିଲେ ବାହାରର ଦିପ ପ୍ରଜ୍ୱଳନ ସହ ଆତ୍ମା ରୂପି ଦିପକକୁ ମଧ୍ୟ ସର୍ବଦା ପ୍ରଜ୍ୱଳିତ କରି ରଖିବାକୁ ହେବ। ଅର୍ଥାତ ଆତ୍ମ ଅଭିମାନୀ ସ୍ଥିତ ହୋଇ ବାଣୀ, ମନ, କର୍ମରେ କାର୍ଯ୍ୟ ବ୍ୟବହାରରେ ଆସିବା ଉଚିତ। ଏଥି ସକାଶେ ଆତ୍ମାକୁ ଈଶ୍ୱରୀୟ ଜ୍ଞାନ ସହ ରାଜଯୋଗର ଅଭ୍ୟାସ କରିବାକୁ ହେବ। ତେବେ ଯାଇ ଜୀବନରେ ବାସ୍ତବ ସୁଖ, ଶାନ୍ତି ଅନୁଭବ କରିହେବ। ବ୍ରହ୍ମପୁର ସବଯୋନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା ନିଜ ଆର୍ଶୀବଚନରେ କହିଥିଲେ ଯେ ଦିପାବଳୀ ପର୍ବ ଅବସରରେ ଘରକୁ ସଫା ରଖିବା ସହ ନିଜ ମନର ଦୁର୍ବଳତା କୁ ମୁକ୍ତ କରିପାରିଲେ ଆମ ଅନ୍ତରର କାମ କ୍ରୋଧ ଜନିତ ବିକାର ଭାବନା ସମାପ୍ତ ହୋଇପାରିବ। ସେହିପରି ମୁଖ୍ୟାଳୟ ମାଉଣ୍ଟ ଆବୁ ରୁ ଯୋଗ ଦେଇଥିବା ବ୍ରହ୍ମାକୁମାର ଅମରଜୀତ ଭାଇ କହିଥିଲେ ଯେ ଆନ୍ତରିକ ସମ୍ପନ୍ନତା ଦ୍ୱାରା ବାହ୍ୟ ସଫଳତା ମଧ୍ୟ ସ୍ୱତଃ ଆସିଥାଏ, ଅର୍ଥାତ ଲକ୍ଷ୍ମୀଙ୍କର ସେଠାରେ ଆର୍ବିଭାବ ହୋଇଥାଏ। ସେ ପୁଣି ଦିପାବଳୀ ଅବସରରେ ଗଣେଶଙ୍କୁ ଜ୍ଞାନ ସଦବିବେକ ତଥା ବୁଦ୍ଧିର ପ୍ରତୀକ ବୋଲି ବର୍ଣ୍ଣନା କରାଯିବାର ରହସ୍ୟ ହୃଦୟଙ୍ଗମ କରାଇଥିଲେ।

ଏହି ଅବସରରେ ମୁଖ୍ୟାଳୟରୁ ଆସିଥିବା ବ୍ରହ୍ମାକୁମାର ଅର୍ଜୁନ ଭାଇ, ମୋହନ ଭାଇ ତଥା ଉମାକାନ୍ତ ଭାଇ ମଧ୍ୟ ଦିପାବଳୀର ହାର୍ଦ୍ଦିକ ଶୁଭକାମନା ଜ୍ଞାପନ କରିଥିଲେ। ପରିଶେଷରେ ଉପସ୍ଥିତ ସମସ୍ତ ଜନସାଧାରଣ ସବୁଜ ବାଣ ପ୍ରୟୋଗ ଦ୍ୱାରା ପରିବେଶକୁ ଆଲୋକିତ କରିଥିଲେ।

ଆସିକାରେ ବାତ୍ୟା ଓ ବନ୍ୟା ପରବର୍ତ୍ତୀ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ଆର୍‌ଡିସି



ଆସିକା,୧୨।୧୧ (ଆନିସ): ବାତ୍ୟା ଓ ବନ୍ୟାରେ ପ୍ରଭାବିତ ଆସିକା ଅଞ୍ଚଳରେ ରିଲିଫ୍ ବଣ୍ଟନ ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ବ୍ରହ୍ମପୁର ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଶ୍ରୀ ବିଜୟ ଅମୃତ କୁଲାଙ୍ଗେ। ଭଞ୍ଜନଗର ଗସ୍ତ ଅବସରରେ ସେ ଆସିକା ବ୍ଲକ୍ ସମେତ ବିଭିନ୍ନ ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା କରିଥିଲେ।

ସମୀକ୍ଷା ସମୟରେ ରିଲିଫ୍ ବଣ୍ଟନରେ ରାସନ କାର୍ଡଧାରୀ ଓ ଅଣରାସନ କାର୍ଡଧାରୀଙ୍କୁ ସାମିଲ କରିବା, ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ତଥ୍ୟ ସଂଗ୍ରହ ଏବଂ ସେମାନଙ୍କ ଖାତାକୁ ଆର୍ଥିକ ସହାୟତା ଜମା କରିବା ପ୍ରକ୍ରିୟା ଉପରେ ଆର୍‌ଡିସି ଗୁରୁତ୍ୱ ଦେଇଥିଲେ। ଏଥିସହ ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକରେ ଫସଲ କ୍ଷୟକ୍ଷତି ଆକଳନ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଆସିକା ପୌରପରିଷଦ ଅନ୍ତର୍ଗତ କାଳସଣ୍ଡପୁର ସ୍ଥିତ ଚାଉଳ ବଣ୍ଟନ କେନ୍ଦ୍ର ପରିଦର୍ଶନ କରି ଆର୍‌ଡିସି ରିଲିଫ୍ ବଣ୍ଟନ ବ୍ୟବସ୍ଥା ଯାଞ୍ଚ କରିଥିଲେ। ସେଠାରେ ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ରିଲିଫ୍ ସାମଗ୍ରୀ ବଣ୍ଟନରେ କୌଣସି ପ୍ରକାର ଅବହେଳା ଯେପରି ନହୁଏ, ସେଥିପ୍ରତି ସମ୍ପୃକ୍ତ ଅଧିକାରୀମାନେ ସତର୍କ ରହିବାକୁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍‌ର ସମସ୍ତ ସୁବିଧା ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହ ଏହାର ସଠିକ୍ ଉପଯୋଗ ସୁନିଶ୍ଚିତ କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ପରିମଳ ବ୍ୟବସ୍ଥାର

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

ପ୍ରକୃତି, ଜୀବନ ସତ୍ତା ଓ ବ୍ରହ୍ମାଣ୍ଡର ମୂଳ ଆଧାର

ପ୍ରାଚୀନ ଭାରତୀୟ ଦାର୍ଶନିକତା ଅନୁସାରେ, ପ୍ରକୃତି କେବଳ ଏକ ଭୌତିକ ସତ୍ତା ନୁହେଁ, ବରଂ ଏହା ଜୀବନ ଓ ବ୍ରହ୍ମାଣ୍ଡର ମୂଳ ଧାରା। ପଞ୍ଚ ମହାଭୂତ ହେଲେ – ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ। ଏହି ପାଞ୍ଚ ତତ୍ତ୍ୱ ମାନବ ଶରୀର, ବୃହତ୍ତର ପ୍ରକୃତି ଓ ସମଗ୍ର ବ୍ରହ୍ମାଣ୍ଡର ଗଠନର ଆଧାର। ପୃଥିବୀ ଦେଉଛି ଭୂମିକ ଆଧାର, ଜଳ ଜୀବନ ଧାରଣ କରେ, ଅଗ୍ନି ଶକ୍ତି ଓ ପରିଣତିର ସୂଚକ, ବାୟୁ ହେଉଛି ଗତିର ଶ୍ୱାସ, ଓ ଆକାଶ ଅଟଳ ଶୂନ୍ୟର ଚିହ୍ନ। ଯଦି ପ୍ରକୃତି ହିଁ ସମସ୍ତଙ୍କ ମୂଳ ଆଧାର, ତେବେ ମନୁଷ୍ୟ, ପଶୁ, ପକ୍ଷୀ, ଗଛ ଲତା କୀଟ ପତଙ୍ଗ ଏ ସମସ୍ତେ ପଞ୍ଚଭୂତର ଏକତା ମଧ୍ୟରୁ ଜନ୍ମିଥିବା ପ୍ରତିଫଳ। ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ଏକ ଗ୍ରହ ଯେଉଁଠି ଜୀବଜଗତ ବଞ୍ଚିତ ରହିବା ପାଇଁ ପାଣି, ପବନ, ମାଟି ଓ ଜଳବାୟୁ ଅନୁକୂଳ ଅଟେ। ପୃଥିବୀ ଗର୍ଭରେ ଥିବା ଖଣିଜ ପଦାର୍ଥ ଇତ୍ୟାଦିରେ ମହକୁଦ ରହିଅଛି ଯେପରି କମ୍ପାନୀ ଯାନଟି ବାହାର କରିବା ପରେ ତାହାର ପାର୍ଟସ୍‌ଗୁଡ଼ିକ ବଜାରରେ ମହକୁଦ କରିଥାଏ। ଏହା ସହ ସୌରଜଗତର ବିଭିନ୍ନ ଗ୍ରହ, ଉପଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରଙ୍କ ସୁପ୍ରଭାବ ଉଦ୍ଭିଦ ଓ ଜୀବଜଗତ ଉପରେ ରହିଅଛି। ପ୍ରକୃତିର ୨୪ ତତ୍ତ୍ୱାତ୍ମକ ତତ୍ତ୍ୱ ଦ୍ୱାରା ଜୀବଜଗତ ସୃଷ୍ଟି ହୋଇଅଛି। ତେଣୁ ଏହି ୨୪ ତତ୍ତ୍ୱ ପ୍ରତିଟି ଜୀବ ମଧ୍ୟରେ ବିଦ୍ୟମାନ। ସେଗୁଡ଼ିକ ହେଉଛି ପଞ୍ଚ ଜ୍ଞାନେନ୍ଦ୍ରିୟ– ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା। ପଞ୍ଚ କର୍ମେନ୍ଦ୍ରିୟ– ବାକ୍, ଯାଦ, ପାଣି, ପାୟୁ ଯାହା ଗୁଦମାର୍ଗ ଓ ଉପସ୍ଥ ଯାହା ଜନନ୍ଦ୍ରିୟ, ତିନି ଗୁଣ ଅବ୍ୟକ୍ତ, ମହାନ ଓ ଅହଂକାରରୁ ସତ୍ତ୍ୱ, ରଜ ଓ ତମ, ପଞ୍ଚ ମହାଭୂତ– ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ, ପାଞ୍ଚ ତନ୍ମାତ୍ରା– ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଓ ମନ। ଭଗବାନଙ୍କର ମାୟିକ ଶକ୍ତିଦ୍ୱାରା ଏ ସଂସାରର ସୃଷ୍ଟି । ପ୍ରକୃତିର ଗର୍ଭରେ ଭଗବାନ ଜୀବଙ୍କୁ ସ୍ଥାପିତ କରନ୍ତି । ପ୍ରତ୍ୟେକ ଜୀବର କର୍ମ ଅନୁଯାୟୀ, ପ୍ରକୃତି ତାଙ୍କ ପାଇଁ ଏକ ଉପଯୁକ୍ତ ଶରୀର ସୃଷ୍ଟି କରେ । ପ୍ରକୃତି ଦ୍ୱିବିଧ, ଯଥା– ପରା ଓ ଅପରା । ପରା (ଶ୍ରେଷ୍ଠା) ଜୀବ ସ୍ୱରୂପ ଚେତନାମୟୀ ପ୍ରକୃତି ଏହା ଜଗତକୁ ରକ୍ଷା କରୁଅଛି । ଏହାହିଁ ଜୀବର ପ୍ରାଣ । ଅପରା (ନିକୃଷ୍ଟା) କ୍ଷିତି, ଅପ୍, ତେଜଃ, ମରୁତ, ଷ୍ୟାମ, (ପଞ୍ଚଭୂତ) ମନ, ବୃଦ୍ଧି, ଓ ଅହଙ୍କାର ।

ଏତେ ସୁନ୍ଦର ସର୍ବଶ୍ରେଷ୍ଠ ପ୍ରକୃତି ସହିତ ଆମେ ଖେଳି ଚାଲିଛନ୍ତି ଯାହାର କୁ ପରିଣାମ ସମଗ୍ର ମାନବ ଜାତି ସହିତ ସମସ୍ତ ଜୀବ ଜଗତ ଭୋଗିବାକୁ ବାଧ ହେଉଛନ୍ତି। ପ୍ରକୃତିର ମୁଖ୍ୟ ଉପାଦାନ ବାୟୁ ଓ ଜଳ ଯାହାକୁ ଆମେ ସବୁଠାରୁ ଅଧିକ ଖରାପ କରି ଚାଲିଛେ। ଏହାଦ୍ୱାରା ବିଶ୍ୱର ଉତ୍ତାପ ବୃଦ୍ଧି ପାଇବାର ଲାଗିଛି ଓ ତାହାଦ୍ୱାରା ସମସ୍ତ ଅସୁବିଧା ବଢ଼ିବାର ଲାଗିଛି। ବିଶ୍ୱ ଉତ୍ତପ୍ତୀକରଣର ଏକ ସିଧାସଳଖ ପରିଣାମ ହେଉଛି ଜଳବାୟୁ ପରିବର୍ତ୍ତନ। ଅର୍ଥାତ, ବର୍ଷକୁ ଖରା, ବର୍ଷା, ଶୀତ ଯେଉଁ ସମୟରେ ଓ ଯେତିକି ମାତ୍ରାରେ ଘଟିବା କଥା ତାହା ଆଉ ହେଉ ନାହିଁ। ଭାରତୀୟ କୃଷିର ମୂଳାଧାର ମୌସୁମୀ ବାୟୁ ଆଜି ବେସୁରା ଓ ଅନିୟମିତ। ବର୍ଷା ଅଭାବରେ ଦିନେ ଯେଉଁ ଶସ୍ୟକ୍ଷେତ ଥିଲା ସବୁଜିମାମୟ, ତାହା ଆଜି ଟାଙ୍ଗରା ଓ ସୃଜନତାଶୂନ୍ୟ ପାଲଟି ଯାଇଛି। ଖରାଦିନର ତାପମାତ୍ରା ଏବେ ଭାରତର କିଛି ଅଞ୍ଚଳରେ ୫୦ ଡିଗ୍ରୀ ସେଲ୍‌ଫସିୟସ୍ ସୀମା ଛୁଇଁଲାଣି। ସେହିପରି ଶୀତଦିନର ତାପମାତ୍ରା ଭାରତର କିଛି ଅଞ୍ଚଳରେ ଶୂନ୍ୟ ଡିଗ୍ରୀ ସେଲ୍‌ଫସିୟସ୍ ତଳକୁ ମଧ୍ୟ ଖସି ଗଲାଣି। କ୍ରାନ୍ତିମଣ୍ଡଳୀୟ ସାମୁଦ୍ରିକ ଝଡ଼ର ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି ଏବଂ ଗୋଟିକ ପରେ ଗୋଟିଏ ଝଡ଼ ତାଣ୍ଡବ ରଚନା କରି ଚାଲି ଯାଉଛନ୍ତି। ବର୍ଷା ଅଭାବରେ ନଦୀ ଆଜି ଶୁଖିଲା । ଏବେକାର ପାନୀୟଜଳ ତଥା କୃଷିର ମୁଖ୍ୟ ଉତ୍ସ ଭୂତଳ ଜଳସ୍ତର ଉପରେ ଅତ୍ୟଧିକ ଚାପ ପ୍ରୟୋଗ ଯୋଗୁଁ ଭୂତଳ ଜଳସ୍ତର କମି କମି ଯାଉଛି। ସୁତରାଂ ବିଶ୍ୱର ଅଧିକାଂଶ ଦେଶରେ ଏବେ ଉତ୍କଟ ଜଳାଭାବ ଦେଖାଦେଇଛି। ବନ୍ୟା, ବାତ୍ୟା, ଜଙ୍ଗଲ ନିଆଁ ଓ ମରୁଡ଼ିର ସଂଖ୍ୟା ଦିନକୁଦିନ ବୃଦ୍ଧି ପାଉଛି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଲୋକଙ୍କ ଜୀବନ ଓ ଜୀବିକା ଉପର ଘୋର ପ୍ରଭାବ ପକାଇଛି। ଜଙ୍ଗଲ ଉଜୁଡ଼ିଯିବା ଦ୍ୱାରା ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଥିବା ସ୍ଥାନୀୟ ଲୋକଙ୍କ ଜୀବିକା ବାଧାପ୍ରାପ୍ତ ହୋଇଛି। ସେହିପରି ସମୁଦ୍ରର ଅମ୍ଳୀୟ ଜଳରାଶିରେ ମାଛମାନଙ୍କ ଏଜୁଡ଼ିଶାଳ 'ପ୍ରବାଳ ପ୍ରାଚୀର' ବିଶେଷ କ୍ଷତିଗ୍ରସ୍ତ ହେବା ଦ୍ୱାରା ବିଶ୍ୱସାରା ସାମୁଦ୍ରିକ ବାଣିଜ୍ୟ, ବିଶେଷକରି ମତ୍ସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଏହାଉପରେ ନିର୍ଭର କରି ଚଳୁଥିବା ଲୋକଙ୍କ ଜୀବିକା ଉଜୁଡ଼ି ଯାଇଛି। ଜଳକୁ ଦୂଷିତ କରିବା ପ୍ରକ୍ରିୟା ହେଉଛି ଜଳ ପ୍ରଦୂଷଣ । ହ୍ରଦ, ନଦୀ, ନଳ, ସାଗର, ଏବଂ ଭୂତଳ ଜଳ ଇତ୍ୟାଦି ଦୂଷିତ ହୋଇପାରେ । ପରିବେଶରୁ ବାହାରୁଥିବା ଆବର୍ଜନା/ ଅପରିଷ୍କାର ପଦାର୍ଥ ପ୍ରତ୍ୟକ୍ଷ କିଂବା ପରୋକ୍ଷ ଭାବେ ପରିଷ୍କାର ନକରି ସିଧା ସଳଖ ଜଳାଶୟକୁ ନିଷ୍କାସନ କରିବାଦ୍ୱାରା ଜଳ ପ୍ରଦୂଷଣ ହୁଏ । ଜଳ ପ୍ରଦୂଷଣଦ୍ୱାରା ପ୍ରାଣୀ ଓ ଉଦ୍ଭିଦ ଜଗତ ଉଭୟ ପ୍ରଭାବିତ ହୁଅନ୍ତି । ଅଧିକାଂଶ ପ୍ରଦୂଷଣର ପ୍ରଭାବ କେବଳ ଗୋଟିଏ ସ୍ଥାନରେ ପ୍ରଭାବ ପଡ଼େନି, ପରିବେଶର ପ୍ରାକୃତିକ ଜୀବମାନଙ୍କ ଉପରେ ବି ପ୍ରଭାବ ପକାଏ । ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ। ଏଥିରେ ଥିବା ଅମ୍ଳଜାନ ଆମ ରକ୍ତରେ ଥିବା ହିମୋଗ୍ଲୋବିନ୍ କଣିକା ସହିତ ଯୁକ୍ତ ହୋଇ ଅକ୍ସିହିମୋଗ୍ଲୋବିନ୍ ପ୍ରସ୍ତୁତ କରେ। ତାହା ରକ୍ତସ୍ରୋତ ସହିତ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ଯୋଗାଇଥାଏ। ଏହା ଖାଦ୍ୟକୁ ଜାରଣ କରି ଶକ୍ତି ଉତ୍ପନ୍ନ କରେ। ଏହି ସ୍ୱୟଂକ୍ରିୟ ଶାରୀରିକ ପ୍ରକ୍ରିୟା ନିରବଚ୍ଛିନ୍ନ ଭାବେ ଚାଲିଥାଏ। ନ ଖାଇ ଆମେ କିଛିଦିନ ବଞ୍ଚିଯିବା ମାତ୍ର ବାୟୁ ବିନା କିଛି କ୍ଷଣ ବି ବଞ୍ଚିବା ଅସମ୍ଭବ। ବାୟୁମଣ୍ଡଳ କମ୍ବଳ ଭଳି ପୃଥିବୀକୁ ଘୋଡ଼ାଇ ରଖିଛି। ସାଧାରଣତଃ ବାୟୁରେ କୌଣସି ଗ୍ୟାସୀୟ, କଠିନ ବା ଜଳୀୟ ପଦାର୍ଥ ନିର୍ଦ୍ଧାରିତ ମାତ୍ରାଠାରୁ ଅଧିକ ରହି ପ୍ରଦୂଷଣ କରନ୍ତି। ସେଗୁଡିକୁ ବାୟୁ ପ୍ରଦୂଷକ କୁହାଯାଏ। ବାୟୁ ପ୍ରଦୂଷକଗୁଡିକୁ ଦୁଇଭାଗରେ ବିଭକ୍ତ କରାଯାଏ, ଯଥା ପ୍ରାଥମିକ ଓ ଦ୍ୱିତୀୟକ। ନାଇଟ୍ରିକ ଅକ୍ସାଇଡ୍, କାର୍ବନ ମନୋକ୍‌ସାଇଡ୍, ଅଙ୍ଗାରକାମ୍ଳ, ସଲଫରଡାଇଅକ୍ସାଇଡ୍, ହାଇଡ୍ରୋଜେନ୍ ଆଦି ଗ୍ୟାସ୍ ପ୍ରାଥମିକ ଶ୍ରେଣୀର ଏବଂ ଏହି ପ୍ରାଥମିକ ପ୍ରଦୂଷକଗୁଡ଼ିକ ବାୟୁମଣ୍ଡଳରେ ପ୍ରବେଶ କରି ବିଭିନ୍ନ ରାସାୟନିକ ପ୍ରକ୍ରିୟାରେ ଦ୍ୱିତୀୟ ଶ୍ରେଣୀର ପ୍ରଦୂଷକ ନିର୍ଗତ କରିଥାଆନ୍ତି। ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ପ୍ରଭୃତି ପ୍ରଥମ ଗୋଷ୍ଠୀ ସହ ଦ୍ୱିତୀୟ ଶ୍ରେଣୀର ପ୍ରଦୂଷକ ସଂଯୁକ୍ତ ହୋଇ ଫଟୋକେମିକାଲ, ସ୍ମଗ୍, ଅମ୍ଳ କଣିକା ଆଦି ସୃଷ୍ଟି କରିଥାନ୍ତି। ଏହି ବାୟୁ ପ୍ରଦୂଷକ ଜୀବଜଗତକୁ ଯଥେଷ୍ଟ ପ୍ରଭାବିତ କରିଥାଏ। ବିଶେଷତଃ ୧୦ ମାଇକ୍ରନ୍‌ରୁ କମ୍ ଆକାର କଣିକା ଆମ ଶ୍ୱାସନଳୀରେ ପ୍ରବେଶ କରି ଆଜ୍‌ମା, ବ୍ରୋଙ୍କାଇଟିସ୍ ଇତ୍ୟାଦି ରୋଗ ଏବଂ ଫୁସ୍‌ଫୁସ୍‌ର ବାୟୁ ପରିବହନ ପଦ୍ଧତିରେ ଜମାହୋଇ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରିଥାଏ। ଏଣୁ ପଞ୍ଚମହାଭୂତ ପ୍ରଦୂଷଣ ଏହିପରି ରହିଲେ ସୁଷ୍ଠି ଧ୍ୱଂସ ହେବାକୁ କେହି ରୋକି ପାରିବେ ନାହିଁ।

ଉପନିଷଦ କହେ: ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି, ଅର୍ଥାତ୍ ଏକ ଏକାମ୍ ତତ୍ତ୍ୱ ବିଭିନ୍ନ ରୂପରେ ବ୍ୟକ୍ତ ହେଉଛି। ଯେତେବେଳେ ମନୁଷ୍ୟ ଏହି ଏକତାକୁ ଭୁଲି ନିଜ ମୁଣ୍ଡରେ ନିଜକୁ ସର୍ବୋପରି ବୋଲି ଭାବୁଛି, ସେତେବେଳେ ହିଁ ଭେଦ ଭାବ ଜନ୍ମ ନେଉଛି। ଏହି ଭେଦ ଭାବର ମୂଳ ଅନ୍ତଃକରଣରେ ଥିବା ଅହଂକାର ଓ ମମତ୍ୱ ଅଟୁଟ ମୂଳ ଭାବେ ବିଚାରିତ। ମନୁଷ୍ୟ ନିଜର ଚିନ୍ତନଶକ୍ତି, ବୁଦ୍ଧି, ଓ ତତକ୍ଷଣାତ୍ ବିକାଶଶୀଳ ମନ ଦ୍ୱାରା ନିଜକୁ ଅନ୍ୟ ପ୍ରାଣୀଠାରୁ ବେଶି ଶ୍ରେଷ୍ଠ ବୋଲି ଭାବିବାରେ ଲାଗିଛି। ଏହି ବୁଦ୍ଧି ବଢ଼ି ଯିବା ସହିତ ଜନ୍ମ ହୁଏ ମତ–ଭେଦ, ଜାତି–ଭେଦ, ଧର୍ମ–ଭେଦ, ପ୍ରଜାତି–ଭେଦ ଇତ୍ୟାଦି। ଯଦି ପ୍ରକୃତିର ଦୃଷ୍ଟିକୋଣରୁ ଦେଖିବାକୁ ଯିବା, ତେବେ ପ୍ରତ୍ୟେକ ଜୀବ ଏକ ଅପରିହାର୍ଯ୍ୟ ଅଂଶ, ଗତିଶୀଳ ପ୍ରକୃତି ଧାରାର ବିଭିନ୍ନ ରୂପ। ସେଥିପାଇଁ ଯଦି ଆମେ ପୁଣିଥରେ ପ୍ରକୃତି ସହିତ ଏକତା ବୁଝିବାକୁ ଆରମ୍ଭ କରିବା, ତେବେ ଭେଦ ଭାବ କ୍ଷୟ ହେବା ପ୍ରକୃତି ଆମକୁ ଶିଖାଏ – ସମନ୍ୱୟ, ସହଅବସ୍ଥାନ ଓ ସମ୍ମିଳନ ହେଉଛି ଜୀବନ ର ସର୍ବଶ୍ରେଷ୍ଠ ନୀତି। ପ୍ରକୃତିକୁ ସେଥି ପାଇଁ ମା କୁହା ଯାଇଛି। ମା କୁ କେବଳ ସମ୍ମାନ କରିବା ଶୋଷଣ ନୁହେଁ।

ଡଃ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ ବରୀ ଯାଜପୁର

ପିଲାଙ୍କୁ ସମ୍ପତ୍ତି ଦେବା ପୂର୍ବରୁ ସଂସ୍କାର ଦିଅନ୍ତୁ

ଆଜିର ସମାଜରେ ପ୍ରତ୍ୟେକ ବାପାମାଆଙ୍କର ଗୋଟିଏ ସ୍ୱପ୍ନ ଥାଏ ନିଜ ପିଲାମାନେ ଜୀବନରେ ବହୁତ ବଡ଼ ହୁଅନ୍ତୁ, ସୁଖରେ ରୁହନ୍ତୁ, ଭଲ ଘର କରନ୍ତୁ, ଗାଡ଼ି ଚଢ଼ନ୍ତୁ, ଭଲ ଚାକିରୀ କରନ୍ତୁ ଏବଂ ଜୀବନରେ କେବେ କୌଣସି ଅଭାବର ସାମ୍ନା ନକରନ୍ତୁ। ସେଥିପାଇଁ ବାପା ନିଜ ଝାଳକୁ ରକ୍ତ କରି ରୋଜଗାର କରନ୍ତି । ମାଆ ନିଜର ଅନେକ ଇଚ୍ଛାକୁ ମନ ଭିତରେ ଚାପି ରଖନ୍ତି। ନିଜେ ଅଭାବରେ ରହିଲେ ମଧ୍ୟ ପିଲାମାନଙ୍କର ଅଭାବ ଦେଖିବାକୁ ଚାହାନ୍ତି ନାହିଁ କିନ୍ତୁ ଏହି ଦୌଡ଼ ଭିତରେ ଆମେ ଗୋଟିଏ ବଡ଼ କଥା ଭୁଲିଯାଉଛେ। ଆମେ ପିଲାମାନଙ୍କ ପାଇଁ ଟଙ୍କା ସଞ୍ଚୟ କରୁଛେ, ଜମିବାଡ଼ି କିଣୁଛେ, ବଡ଼ ବଡ଼ ଘର ତିଆରି କରୁଛେ, ହେଲେ ସେମାନଙ୍କ ହୃଦୟ ଭିତରେ ମାନବିକତା, ଦୟା, ସମ୍ମାନ ଓ ଭଲପାଇବାର ମଞ୍ଜି ବୁଣିବାକୁ କେତେ ସମୟ ଦେଉଛେ। ପିଲାଙ୍କ ପାଇଁ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ସଂସ୍କାର ଆଉ ସବୁଠାରୁ ବଡ଼ ଉତ୍ତରାଧିକାର ହେଉଛି ଚରିତ୍ର। ସମ୍ପତ୍ତି ମଣିଷକୁ ଆରାମ ଦେଇପାରେ କିନ୍ତୁ ସଂସ୍କାର ତାକୁ ଶାନ୍ତିରେ ବଞ୍ଚିବା ଶିଖାଏ। ଟଙ୍କା ଦେଇ ମହଙ୍ଗା ଖଟ କିଣିହେବ କିନ୍ତୁ ଶାନ୍ତିର ନିଦ କିଣିହେବ ନାହିଁ। ଟଙ୍କା ଦେଇ ବଡ଼ ଘର ତିଆରି କରିହେବ କିନ୍ତୁ ସେହି ଘରେ ହସଖୁସି ଓ ଆତ୍ମୀୟତା ଭରିବା ପାଇଁ ଭଲ ମନ ଦରକାର। ଟଙ୍କା ଦେଇ ଅନେକ ଲୋକଙ୍କୁ ପାଖରେ ରଖିହେବ କିନ୍ତୁ ହୃଦୟରୁ ଭଲ ପାଉଥିବା ଲୋକଙ୍କୁ କିଣିହେବ ନାହିଁ।

ଯେଉଁ ପିଲା ପାଖରେ କୋଟି କୋଟି ଟଙ୍କା ଅଛି କିନ୍ତୁ ବଡ଼ମାନଙ୍କୁ ସମ୍ମାନ ଦେବା ଜାଣେ ନାହିଁ, ଗରିବକୁ ମଣିଷ ବୋଲି ଭାବେ ନାହିଁ, ନିଜ ସ୍ୱାର୍ଥ ପାଇଁ ଅନ୍ୟର ମନ ଭାଙ୍ଗିବାକୁ ପଛାଏ ନାହିଁ ତେବେ ତାହାର ସମ୍ପତ୍ତି ଥାଇ ମଧ୍ୟ ସେ ପ୍ରକୃତ ଅର୍ଥରେ ଧନୀ ନୁହେଁ ।ଅନ୍ୟପଟେ ଯେଉଁ ପିଲାର ପାଖରେ ବହୁତ ଟଙ୍କା ନାହିଁ କିନ୍ତୁ ତା' ମନରେ ଦୟା ଅଛି, ମୁହଁରେ ମିଠା କଥା ଅଛି, ଆଚରଣରେ ଭଦ୍ରତା ଅଛି ଏବଂ ହୃଦୟରେ ମଣିଷ ପାଇଁ ମମତା ଅଛି ସେ ପ୍ରକୃତରେ ଧନୀ। କାରଣ ଟଙ୍କାରେ ମଣିଷର ପରିଚୟ ହୁଏ ନାହିଁ, ମଣିଷର ପରିଚୟ ତା'ର ବ୍ୟବହାରରୁ ହୁଏ।

ଯେଉଁ ବାପା ନିଜ ପିଲାର ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରନ୍ତି । ଯେଉଁ ମାଆ ନିଜ ପିଲାର ଖୁସି ପାଇଁ ନିଜ ସୁଖକୁ ତ୍ୟାଗ କରନ୍ତି । ସେମାନଙ୍କ ତ୍ୟାଗର ମୂଲ୍ୟ ପିଲାମାନେ ବୁଝିବା ଦରକାର। ପିଲା ଛୋଟ ଥିବାବେଳେ ତାକୁ ଆଦର କରିବା, ଭଲ ଖାଇବାକୁ ଦେବା, ଭଲ ପୋଷାକ ପିନ୍ଧାଇବା ନିଶ୍ଚିତ ଭାବେ ଜରୁରୀ। କିନ୍ତୁ ଏହା ସହିତ ତାକୁ ଏହା ମଧ୍ୟ ଶିଖାଇବା ଦରକାର ତା'ର ହାତରେ ଥିବା ପ୍ରତ୍ୟେକ ସୁବିଧା ପଛରେ କାହାର ନା କାହାର ପରିଶ୍ରମ ରହିଛି।

ପିଲା ଯେତେବେଳେ ଭୁଲ କରେ, ତାକୁ ଭଲପାଇବା ସହିତ ଠିକ୍ ଓ ଭୁଲର ତଫାତ ବୁଝାନ୍ତୁ। ପିଲା ଯେତେବେଳେ ଅନ୍ୟକୁ ଅପମାନ କରେ ସେତେବେଳେ ତାକୁ ଚୁପ୍ ରହି ସମର୍ଥନ କରନ୍ତୁ ନାହିଁ। କାରଣ ଆଜି ଯେଉଁ ଭୁଲକୁ ଆମେ ଆଦର ଭାବି କ୍ଷମା କରିଦେଉଛେ କାଲି ସେହି ଭୁଲ ତା'ର ସ୍ୱଭାବ ହୋଇଯାଇପାରେ।ପିଲାଙ୍କୁ ଭଲପାଆନ୍ତୁ କିନ୍ତୁ ଏତେ ଅନ୍ଧ ଭଲପାଇବା ଦିଅନ୍ତୁନାହିଁ ଯେ ସେମାନେ ଭୁଲ କରିବାକୁ ନିଜର ଅଧିକାର ବୋଲି ଭାବିବେ। ତେବେ ଆମେ ପିଲାଙ୍କୁ କହୁଛେ ମିଛ କହିବ ନାହିଁ। କିନ୍ତୁ ଆମେ ନିଜେ ଅନ୍ୟମାନଙ୍କ ଆଗରେ ମିଛ କହୁଛେ। ଆମେ କହୁଛେ ବଡ଼ମାନଙ୍କୁ ସମ୍ମାନ ଦେବ କିନ୍ତୁ ନିଜ ବାପାମାଆଙ୍କ ସହିତ ଅସମ୍ମାନଜନକ ଭାବେ କଥା ହେଉଛେ। ଆମେ କହୁଛେ ଅନ୍ୟକୁ ସାହାଯ୍ୟ କରିବ କିନ୍ତୁ ନିଜ ଆଖି ଆଗରେ କେହି ଅସୁବିଧାରେ ପଡ଼ିଲେ ଅଣଦେଖା କରୁଛେ।ତେବେ ପିଲା ଆମ କଥା ଶୁଣିବ ନା ଆମ କାମ ଦେଖି ଶିଖିବ।

ପିଲାମାନେ ହେଉଛନ୍ତି ଘରର ଦର୍ପଣ। ସେମାନେ ଯାହା ଦେଖନ୍ତି ଅନେକ ସମୟରେ ତାହାକୁ ନିଜ ଜୀବନରେ ଅନୁସରଣ କରନ୍ତି। ତେଣୁ ପିଲାଙ୍କୁ ସଂସ୍କାର ଦେବା ପୂର୍ବରୁ ଆମେ ନିଜ ଆଚରଣକୁ ଠିକ୍ କରିବା ଦରକାର।ଘରେ ଯଦି ବାପାମାଆ ପରସ୍ପରକୁ ସମ୍ମାନ ଦିଅନ୍ତି ପିଲାମାନେ ସମ୍ପର୍କର ମୂଲ୍ୟ ଶିଖନ୍ତି। ଘରେ ଯଦି ବୟସ୍କମାନଙ୍କୁ ଆଦର କରାଯାଏ ପିଲାମାନେ ବୃଦ୍ଧଙ୍କୁ ସମ୍ମାନ ଦେବା ଶିଖନ୍ତି। ଘରେ ଯଦି ସତ୍ୟ, ଧୈର୍ଯ୍ୟ ଓ ଦୟାର ପରିବେଶ ରହେ ପିଲାଙ୍କ ଚରିତ୍ରରେ ମଧ୍ୟ ସେହି ଗୁଣ ଧୀରେ ଧୀରେ ବିକଶିତ ହୁଏ। ପିଲାଙ୍କ କାନରେ ଦିଆଯାଇଥିବା ଉପଦେଶଠାରୁ ଆଖି ଆଗରେ ଦେଖାଯାଇଥିବା ଉଦାହରଣର ପ୍ରଭାବ ଅଧିକ ଗଭୀର।ଆଜିବି ଆମ ସମାଜରେ ଏମିତି ଅନେକ ପରିବାର ଦେଖିବାକୁ ମିଳେ ଯେଉଁଠି ବାପାମାଆ ବଞ୍ଚିଥିବାବେଳେ ପୁଅମାନେ ଜମିବାଡ଼ି ଓ ସମ୍ପତ୍ତିର ଭାଗ ପାଇଁ ଝଗଡ଼ା କରନ୍ତି। ଭାଇ ଭାଇ ମଧ୍ୟରେ କଥାବାର୍ତ୍ତା ବନ୍ଦ ହୋଇଯାଏ। ଛୋଟ ଛୋଟ କଥାକୁ ନେଇ ବର୍ଷ ବର୍ଷର ସମ୍ପର୍କ ଭାଙ୍ଗିଯାଏ। ଯେଉଁ ଘରେ ଦିନେ ସମସ୍ତେ ଏକାଠି ବସି ଖାଉଥିଲେ ସେହି ଘରେ ଦିନେ ସମ୍ପତ୍ତିର ଭାଗ ପାଇଁ ଶତ୍ରୁତା ସୃଷ୍ଟି ହୁଏ। ଏହାର ଅର୍ଥ ନୁହେଁ ଯେ ସବୁ ପରିବାରରେ ଏମିତି ହୁଏ। କିନ୍ତୁ ଯେଉଁଠି ପିଲାଙ୍କୁ ଛୋଟବେଳୁ ତ୍ୟାଗ, ନ୍ୟାୟ, ଭାଇଚାରା ଓ ଅନ୍ୟର ଅଧିକାରକୁ ସମ୍ମାନ କରିବା ଶିଖାଯାଇନାହିଁ ସେଠାରେ ସମ୍ପତ୍ତି ବେଳେବେଳେ ସମ୍ପର୍କ ଭାଙ୍ଗିବାର କାରଣ ହୋଇଯାଏ।

ପିଲାଙ୍କୁ ଶିଖାନ୍ତୁ ନିଜ ଅଧିକାର ପାଇଁ ଠିଆ ହେବା ଭଲ କିନ୍ତୁ ଅନ୍ୟର ଅଧିକାର ଛଡ଼ାଇ ନେବା ଭୁଲ। ନିଜ ଭାଗ ପାଇବା ଜରୁରୀ ହୋଇପାରେ କିନ୍ତୁ ସେହି ଭାଗ ପାଇଁ ମାନବିକତା ହରାଇବା ଉଚିତ ନୁହେଁ।କାରଣ ଜମିବାଡ଼ି ଭାଗ ହୋଇପାରେ, ଟଙ୍କା ଭାଗ ହୋଇପାରେ, ଘର ମଧ୍ୟ ଅଲଗା ହୋଇପାରେ କିନ୍ତୁ ଥରେ ହୃଦୟର ସମ୍ପର୍କ ଭାଙ୍ଗିଗଲେ ତାକୁ ପୁଣି ଆଗଭଳି କରିବା ସବୁବେଳେ ସମ୍ଭବ ହୁଏ ନାହିଁ। ବାପାମାଆଙ୍କ ଭଲପାଇବାରେ କୌଣସି ଅଭାବ ନଥାଉ କିନ୍ତୁ ସେହି ଭଲପାଇବା ଯେପରି ପିଲାଙ୍କୁ ଅଳସୁଆ କିମ୍ବା ଦାୟିତ୍ୱହୀନ ନକରେ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ।ପିଲା ଯାହା ମାଗିଲା ସଙ୍ଗେ ସଙ୍ଗେ ତାହା ଦେଇଦେବା ସବୁବେଳେ ଭଲ ଅଭିଭାବକତ୍ୱ ନୁହେଁ। ବେଳେବେଳେ ତାକୁ ଅପେକ୍ଷା କରିବା ଶିଖାନ୍ତୁ। ନିଜ କାମ ନିଜେ କରିବାକୁ ଉତ୍ସାହିତ କରନ୍ତୁ। ଟଙ୍କା କିପରି ରୋଜଗାର ହୁଏ, କିପରି ସଞ୍ଚୟ କରାଯାଏ ଏବଂ କେଉଁଠି ଖର୍ଚ୍ଚ କରିବା ଉଚିତ ସେ ବିଷୟରେ ବୟସ ଅନୁସାରେ ବୁଝାନ୍ତୁ।

ଯେଉଁ ପିଲା ଛୋଟବେଳୁ ପରିଶ୍ରମର ମୂଲ୍ୟ ବୁଝେ ସେ ବଡ଼ ହେଲେ ସହଜରେ ହାର ମାନେନାହିଁ। ଯେଉଁ ପିଲା ସବୁକିଛି ପ୍ରସ୍ତୁତ ଅବସ୍ଥାରେ ପାଇଯାଏ ସେ ବେଳେବେଳେ ଜୀବନର ସାଧାରଣ ସଂଘର୍ଷକୁ ମଧ୍ୟ ସହ୍ୟ କରିପାରେ ନାହିଁ।ସେଥିପାଇଁ ପିଲାଙ୍କୁ କେବଳ ଧନୀ ହେବାର ସ୍ୱପ୍ନ ଦେଖାନ୍ତୁ ନାହିଁ ନିଜ ଗୋଡ଼ରେ ନିଜେ ଠିଆ ହେବାର ସାହସ ମଧ୍ୟ ଦିଅନ୍ତୁ।ଏମିତି ଶିକ୍

ମାଲକାନଗିରିରେ ଜିଲ୍ଲା ସ୍ତରୀୟ ମଧୁବାବୁ ପେନ୍‌ସନ୍ ଯୋଜନା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ:୩,୮୦୩ ନୂତନ ହିତାଧିକାରୀ ସାମିଲ



ମାଲକାନଗିରି, ୧୨।୧୧ (ଆନିସ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ରାଜ୍ୟ ସ୍ତରରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଏବଂ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ ର ଶୁଭାରମ୍ଭ ପରେ, ଆଜି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଭତ୍ତା ପ୍ରଦାନ ଉତ୍ସବ ସ୍ଥାନୀୟ ସଂସ୍କୃତି ଭବନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୩,୮୦୩ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ, ଆଜିର ଉତ୍ସବରେ ଉପସ୍ଥିତ ଥିବା ୫୪୦ ଜଣ ହିତାଧିକାରୀଙ୍କୁ ଆନୁଷ୍ଠାନିକ ଭାବେ ଭତ୍ତା ବଣ୍ଟନ କରାଯାଇଛି।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ଏହି ନୂତନ ଭତ୍ତା ପ୍ରଦାନ ଏବଂ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍‌ର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ମାଡକାମୀ କହିଛନ୍ତି ସମାଜର ଶେଷ ଧାଡ଼ିରେ ଥିବା ଗରିବ, ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ଯୋଗାଇ ଦେବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ ମାଧ୍ୟମରେ ଏବେ ଭତ୍ତା ପ୍ରଦାନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସରଳ ହୋଇପାରିଛି, ଯାହାଦ୍ୱାରା କୌଣସି ଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହେବେ ନାହିଁ। ସେହିପରି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ମିଳିତ ଭାବେ ମତବ୍ୟକ୍ତ କରି କହିଛନ୍ତି ଯେ ମାଲକାନଗିରି ଭଳି ଏକ ଉପାନ୍ତ ଜିଲ୍ଲାର ୩,୮୦୩ ଜଣ ନୂତନ ହିତାଧିକାରୀ ଏହି ଯୋଜନାରେ ଯୋଡ଼ି ହେବା ଜିଲ୍ଲା ପାଇଁ ଏକ ବଡ଼ ସଫଳତା। ଏହା ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସମ୍ମାନର ସହ ବଞ୍ଚିବା ପାଇଁ ନୂତନ ସାହସ ଯୋଗାଇବ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଏବଂ ଆନନ୍ଦ ରାଓଙ୍କ ସମେତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ଏବଂ ବହୁ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ।

ନଭେମ୍ବର ୧୫ରେ ଜନଜାତିୟ ଗୌରବ ଦିବସ ପାଳନ ପାଇଁ ମାଲକାନଗିରି ଆସିବେ ମୁଖ୍ୟମନ୍ତ୍ରୀ



ମାଲକାନଗିରି,୧୨।୧୧ (ଆନିସ): ଧରତୀ ଆବା ଭଗବାନ ବୀର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଉପଲକ୍ଷେ ନଭେମ୍ବର ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଜନଜାତିୟ ଗୌରବ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ନଭେମ୍ବର ୧୫ ତାରିଖରେ ଜନଜାତିୟ ଗୌରବ ଦିବସ ପାଳନ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମାଲକାନଗିରି ଗସ୍ତରେ ଆସିବେ ବୋଲି ଜିଲ୍ଲା ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଛି।

ଏନେଇ ଜିଲ୍ଲା ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଭଗବାନ ବୀର୍ସା ମୁଣ୍ଡାଙ୍କ ତ୍ୟାଗ, ବଳିଦାନ ଓ ଆଦିବାସୀ ସମାଜର ଅଧିକାର ପାଇଁ ତାଙ୍କର ସଂଘର୍ଷମୟ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା।ଏଥିସହ ଆସନ୍ତା ନଭେମ୍ବର ୨୨ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ଉଲ୍ଲେଖ କରାଯିବା ସହ ଶହୀଦ ସୁନାମ ତାମ୍ବା ଦୋରାଙ୍କ ଅମର ବଳିଦାନକୁ ସ୍ମରଣ କରାଯାଇଥିଲା। ସେହିପରି କେନ୍ଦ୍ର ସରକାରଙ୍କ – ଯୋଜନା, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସମେତ ବିଭିନ୍ନ ଜନଜାତି କଲ୍ୟାଣକାରୀ ଯୋଜନାର ସଫଳତା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଶ୍ରୀ ଦେବା ମାଡ଼କାମି, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ମାଲକାନଗିରି ବିଧାୟକ ଶ୍ରୀ ନରସିଂହ ମାଡ଼କାମି, ରାଜ୍ୟ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶ୍ରୀ ଜଳନ୍ଧର ନାୟକ ଏବଂ ଜିଲ୍ଲା ମୋର୍ଚ୍ଚା ଉପସଭାପତି ଶ୍ରୀ ସୋମନାଥ ମାଡ଼ୀ ଉପସ୍ଥିତ ଥିଲେ।

ଜନଜାତି ସମାଜର ଗୌରବମୟ ଇତିହାସ, ସଂସ୍କୃତି, ପରମ୍ପରା ଓ ଅଧିକାରର ସୁରକ୍ଷା ସହ ସମାଜର ସର୍ବାଙ୍ଗୀଣ ବିକାଶ ଦିଗରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ ।

ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦ର ଶୁଭାରମ୍ଭ



ମାଲକାନଗିରି, ୧୨।୧୧ (ଆନିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଭାରତ ସରକାରଙ୍କ ଅଧୀନରେ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଯୁବ ଅଭିଯାନ ୪. ୦ ଅଭିନ ପଦକ୍ଷେପ ଆଜି ମାଲକାନଗିରି ଜିଲ୍ଲାରେ ଆରମ୍ଭ ହୋଇଅଛି ଏହି କାର୍ଯ୍ୟକ୍ରମଟି ଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜସିରୁଖେ ଙ୍କ ଅଧ୍ୟକ୍ଷତାରେ ଓ ଜିଲ୍ଲାର ବିଭିନ୍ନ ଶାଖାର ଅଧିକାରୀ ମାନଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ସାର୍ବଜନିକ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମାନସ ରଞ୍ଜନ ପଣ୍ଡା, ଡାକ୍ତର ଏମ୍.ଏମ୍? ଆବିଦ ହୁସେନ, ଡାକ୍ତର ସୌଭାଗ୍ୟ ରଞ୍ଜନ ରଣସିଂହ, ଡାକ୍ତର ମୌସୁମୀ ମିଶ୍ର, ଡାକ୍ତର ଦୁର୍ଗାପ୍ରସାଦ ରାଜ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ କୁମାର ସେଠୀ, ଡ୍ରଗ ଇନିସ୍ପେକ୍ଟର ଶ୍ରୀ ପ୍ରବୀଣ ଜାନି, ଡି.ଇ.ଓ, ଡି.ଡବ୍ଲ୍ୟୁ.ଓ ମ୍ୟୁନିସିପାଲିଟି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବରେ ଚଳାଇବା ପାଇଁ ସମସ୍ତ ବିଭାଗର ସମନ୍ୱୟ ସୃଷ୍ଟି କରି ଜନସାଧାରଣଙ୍କ ମଧ୍ୟରେ ତମାଖୁର କ୍ଷତି କାରକ ପ୍ରଭାବ ବିଷୟରେ ବିଶେଷ ସଚେତନତା ସୃଷ୍ଟି କରାଯିବ, ସେହିପରି ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନର ସଫଳ କାର୍ଯ୍ୟାନୁଷ୍ଠାନ, କୋଟପା ଆଇନକୁ ଅନୁପାଳନ ସୁନିଶ୍ଚିତ କରିବା ସହିତ ଜିଲ୍ଲାରେ ତମାଖୁ ମୁକ୍ତ ଗ୍ରାମ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ଏହି ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଭିଯାନକୁ ଶିବ ସୁନ୍ଦର ପାଣିଗ୍ରାହୀ ପରିଚାଳନା କରିଥିଲେ ପରିଶେଷରେ ସମସ୍ତଙ୍କ ଉପସ୍ଥିତିରେ ତମାଖୁ ମୁକ୍ତ ପ୍ରତିଜ୍ଞା ନିଆଯାଇଥିଲା

ଭୟଙ୍କର ବିସ୍ଫୋରଣରେ ଥରିଲା ଅରବିନ୍ଦ ନଗର

ଖଲ୍ଲିକୋଟ, ୧୨।୧୧ (ଆନିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅରବିନ୍ଦ ନାଗରରେ ଭୟଙ୍କର ବିସ୍ଫୋରଣ ଘଟଣାକୁ ନେଇ ଚାଞ୍ଚଲ୍ୟ। ଅରବିନ୍ଦ ନଗର ଦ୍ୱିତୀୟ ଲାଇନରେ ଗତ ରାତି ପ୍ରାୟ ୩ଟା ସମୟରେ ଘଟିଥିଲା ଏହି ଅଘଟଣ। ବିସ୍ଫୋରଣରେ ୩ ଜଣ ଗୁରୁତର ହୋଇଥିବା ବେଳେ ପ୍ରଥମେ ବ୍ରହ୍ମପୁର ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ ଘରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହ ଲୁହା ଗ୍ରିଲ୍ ଭାଙ୍ଗିଯାଇଛି ଏବଂ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ଗଞ୍ଜାମ ଏସ୍?ପି ହରିଶ ବିଶି। ବିସ୍ଫୋରଣ ହୋଇଥିବା ଘରର ଉପର ମହଲାରେ କିଛି ଛାତ୍ରଛାତ୍ରୀ ଭଡ଼ାରେ ରହୁଥିବା ଜଣାପଡ଼ିଛି। ସେପଟେ ଘଟଣାସ୍ଥଳରେ ବମ୍ ସ୍କାଡ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଅନ୍ୟ ଏକ ତଦନ୍ତକାରୀ ଟିମ୍ ଭୁବନେଶ୍ୱରରୁ ଆସିବାକୁ ଥିବା ସୂଚନା ମିଳିଛି। ତେବେ ପ୍ରାଥମିକ ତଦନ୍ତରେ ଗ୍ୟାସ୍ ଲିକେଜ୍ ଯୋଗୁଁ ବିସ୍ଫୋରଣ ଘଟିଥିବା ସନ୍ଦେହ କରୁଛି ପୋଲିସ। ତଥାପି ପ୍ରକୃତ କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

ବାଲିମେଳା କଲେଜ ଗସ୍ତ କଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଛାତ୍ରଛାତ୍ରୀଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



ବାଲିମେଳା,୧୨।୧୧ (ଆନିସ):ଆଜି ବାଲିମେଳା ଡିଗ୍ରୀ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କଲେଜ ଗସ୍ତ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ମଙ୍ଗୁ ଖିଲ। ଏହି ଅବସରରେ ସେ କଲେଜର ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି କଲେଜରେ ରହିଥିବା ବିଭିନ୍ନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ଏହା ସହିତ କଲେଜର ଅଧ୍ୟକ୍ଷ (ପ୍ରିନ୍ସିପାଲ) ଏବଂ ଛାତ୍ର ସଂସଦର ସଭାପତିଙ୍କ ସହ ମଧ୍ୟ ବିଧାୟକ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତି, କଲେଜର ଭିତ୍ତିଭୂମି ଓ ଅନ୍ୟାନ୍ୟ ମୌଳିକ ସମସ୍ୟାଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ମଙ୍ଗୁ ଖିଲ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତ ଓ ଆଲୋଚନା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶା ଓ ଉତ୍ସାହ ସୃଷ୍ଟି କରିଛି।

ଜୟପୁର କଳା ବିଦ୍ୟାଳୟରେ ଭାସ୍କର୍ଯ୍ୟ କଳା ଆଲୋଚନାଚକ୍ର ଓ କର୍ମଶାଳା



ଜୟପୁର,୧୨।୧୧ (ଆନିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ପକ୍ଷରୁ ସିମାଦ୍ରୀ ମହାରଣା କଳା ଭବନଠାରେ ଭାସ୍କର୍ଯ୍ୟ କଳା ବିଷୟକ ଆଲୋଚନାଚକ୍ର ଓ ଚାରିଦିନିଆ କର୍ମଶାଳା ଆରମ୍ଭ ହୋଇଛି। ନଭେମ୍ବର ୧୨ରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ୧୫ ତାରିଖରେ ଉଦ୍?ଯାପିତ ହେବାବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍?ଘାଟନ କରିଥିଲେ। ଭୁବନେଶ୍ୱରର ଭାସ୍କର୍ଯ୍ୟ ଶିଳ୍ପୀ ବିଶ୍ୱରଞ୍ଜନ କର ଆଲୋଚକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭାସ୍କର୍ଯ୍ୟ କଳାର ବିଭିନ୍ନ ଦିଗ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।ଏହି କର୍ମଶାଳାରେ ମୁଖା ନିର୍ମାଣ, ଫାଇବର କାଷ୍ଟିଂ, ମ୍ୟୁରାଲ କାଷ୍ଟିଂ, ଟେରାକୋଟା ଆଦି କଳାକୃତି ନିର୍ମାଣର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଉଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଓ ବ୍ୟବହାରିକ କଳାଦକ୍ଷତା ବୃଦ୍ଧି ପାଇବା ଆଶା ରହିଛି।କର୍ମଶାଳା ପରିଚାଳନାରେ ପ୍ରଶିକ୍ଷକ ପଦ୍ମଚରଣ ଚୌଧୁରୀ, କ୍ରିଷ୍ଣା ପାଙ୍ଗୀ, ତିତାସ ଦଳବେହେରା ଓ ରାହୁଲ ପୂଜାରୀ ସହଯୋଗ କରିଥିଲେ। ବିଦ୍ୟାଳୟର କର୍ମଚାରୀ କେ. ସୁନିଲ କୁମାର ଓ ସୁରେନ୍ଦ୍ର ବାଘ ମଧ୍ୟ ସହଯୋଗ କରିଥିଲେ। ପୁରାତନ ଛାତ୍ର ପି. ଶ୍ରୀନିବାସ, ରାଜେନ୍ଦ୍ର ପଟ୍ଟନାୟକ, ଅସିତ ରଥ, ସୁରେଶ ନାୟକ, ଦୀପକ ଦାସଙ୍କ ସମେତ ଜୟପୁରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଥିଲେ।

ଗଞ୍ଜାମର ପାରମ୍ପରିକ ଲୋକକଳା 'ଗାହଣ' ଉଦଘାଟିତ, କଳାକାରଙ୍କ କଣ୍ଠରେ ଝଙ୍କୃତ ହେଲା ଲୋକସଂସ୍କୃତି




କବିସୂର୍ଯ୍ୟନଗର,୧୨।୧୧ (ଆନିସ): ଗଞ୍ଜାମ ଜିଲ୍ଲାର ମାଟି, କଳା ଓ ସଂସ୍କୃତିର ଅନନ୍ୟ ପରିଚୟ ବହନ କରୁଥିବା ପାରମ୍ପରିକ ଲୋକକଳା 'ଗାହଣ'କୁ ନେଇ ଉତ୍ସବମୁଖର ହୋଇଉଠିଛି କବିସୂର୍ଯ୍ୟନଗର ସହର। କବିସୂର୍ଯ୍ୟନଗର ସହରର କନକପାଟଣା ସାହିରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମା କନକଦୁର୍ଗା ଓ ମା ମଙ୍ଗଳାଙ୍କ ଓଷାକୋଠି ଯାତ୍ରା ଉଦଯାପିତ ହୋଇଯାଇଛି। ଏହି ଅବସରରେ ଗାହଣ,ଲୋକନୃତ୍ୟ ଓ ସଙ୍ଗୀତର ଆୟୋଜନ କରାଯାଇଥିଲା।ବରିଷ୍ଠ କଳାକାର ସୁବାସ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ଲୋକକଳା କାର୍ଯ୍ୟକ୍ରମକୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମାଜସେବୀ ରାମ ପ୍ରସାଦ ମହାରଣା ଓ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ସଂଘର ସଭାପତି ବ୍ରଜସୁନ୍ଦର ମଳିକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୀତାରାମ ପାଣିଗ୍ରାହୀ ଓ ବିଜେପି ମଣ୍ଡଳ ସଭାପତି ଅଶୋକ କୁମାର ଜେନା ଉପସ୍ଥିତ ରହିଥିଲେ ।ଗଞ୍ଜାମର ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ସହ କଳାକାର ମାନଙ୍କୁ ଉତ୍ସାହିତ କରିବା ଦିଗରେ ଆୟୋଜକଙ୍କ ଏଭଳି ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହାସହ ଲୋକକଳା ଓ ଲୋକସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ଗାହଣ ଗାୟକ ବିଶ୍ୱନାଥ ଶତପଥୀ, ସୀମାଞ୍ଚଳ ନାହାକ, ନିରଞ୍ଜନ ପାତ୍ର ଓ ମଙ୍ଗୁଲୁ ସାହୁ ନିଜର ସୁମଧୁର କଣ୍ଠରେ ଗାହଣ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଲୋକକଳା ଉପଭୋଗ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରୋତା ଓ ଦର୍ଶକଙ୍କ ସମାଗମ ହୋଇଥିଲ।। କନକପାଟଣା ସାହିବାସୀଙ୍କ ମିଳିତ ସହଯୋଗ ଓ ପରିଚାଳନାରେ କାର୍ଯ୍ୟକ୍ରମଟି ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମର ଏହି ପୁରାତନ ଲୋକକଳାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଏଭଳି ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ପାଲଟିଛି ବୋଲି ପ୍ରଶଂସକ ମହଲରୁ ମତପ୍ରକାଶ ପାଇଛି।

ବଡ଼ ଧରଣର ଗଞ୍ଜେଇ ଚାଷ ନଷ୍ଟ, ୧୦ ଏକରରେ ୧୦ ହଜାର ଗଛ କଟାଗଲା



କାଲିମେଳା,୧୨।୧୧(ଆନିସ): ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ କାଲିମେଳା ପୋଲିସର ଗଞ୍ଜେଇ ବିରୋଧୀ ଅଭିଯାନ ଜାରି ରହିଛି । ଏହି କ୍ରମରେ କାଲିମେଳା ଥାନା ଅନ୍ତର୍ଗତ ସାରିଗେଟା ଓ ଚିନ୍ତାଗୁଣା ଗାଁ ନିକଟରେ ଚଢ଼ାଉ କରି ପୋଲିସ ବିପୁଳ ପରିମାଣର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି । ପ୍ରାୟ ୧୦ ଏକର ଜମିରେ ହୋଇଥିବା ମୋଟ ୧୦ ହଜାର ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି । ଏ ନେଇ କାଲିମେଳା ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି । କେସ୍? ନଂ ୨୮୯/୨୬ ଓ କେସ୍? ନଂ ୨୯୦/୨୬, ଧାରା ୨୦(ଏ)(ଆଇ) ଏନଡିପିଏସ୍? ଆକ୍ଟ ଅନୁଯାୟୀ ତଦନ୍ତ ଚାଲିଛି । ଆଗକୁ ମଧ୍ୟ ଅଞ୍ଚଳରେ ଥିବା ସମସ୍ତ ବେଆଇନ ଗଞ୍ଜେଇ ଚାଷ ଚିହ୍ନଟ କରି ନଷ୍ଟ କରାଯିବ ବୋଲି ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି ।

ଜୁଆ ଆଡ୍ଡା ଉପରେ ଚଢ଼ାଉ, ୨ ଜଣ ଅଟକ



କାଲିମେଳା,୧୨।୧୧ (ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୨ ଜଣଙ୍କୁ ଅଟକ ରଖାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତ୍ରରେ କାଲିମେଳା ଥାନାଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଥିବା ଏମଭି-୭୦ ଗ୍ରାମର ଖୋଲା ପଡ଼ିଆରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା । ଏହି ଚଢ଼ାଉରେ ଅଟକ ଥିବା ଦୁଇ ଜଣ ହେଲେ ଏମଭି-୭୦ ଗ୍ରାମର ବିଧାନ ମଣ୍ଡଳ (୫୧) ଏବଂ ଏମପିଭି-୭୦ ଗ୍ରାମର ସୁଭାଷ

କୁନ୍ଦୁରା ବ୍ଲକ ପ୍ରଶାସନ ବିରୋଧରେ ଅଭିଯୋଗ

ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପାକୁ ନେଇ ବଢୁଛି ଅସନ୍ତୋଷ

କୁନ୍ଦୁରା,୧୨।୧୧(ଆନିସ): କୁନ୍ଦୁରା ବ୍ଲକ ପ୍ରଶାସନ ନିଜ କର୍ତ୍ତବ୍ୟରୁ ବାଟହୁଡ଼ା ହୋଇଯାଇଥିବା କିଛି ରାଜନେତା, ସମାଜସେବୀ ଓ ହିତାଧିକାରୀ ଅସନ୍ତୋଷ ବ୍ୟକ୍ତ କର ଅଭିଯୋଗ କରିଛନ୍ତି। କିଛି ପ୍ରମୁଖ କାରଣ ମଧ୍ୟ ଦର୍ଶାଇଛନ୍ତି । ସରକାରୀ ଯୋଜନାର ସଦୁପଯୋଗ ହେବା ବଦଳରେ କେବଳ ମନ୍ଦମୁଖୀ କାର୍ଯ୍ୟ କରିଚାଲିଛି କୁନ୍ଦୁରା ବ୍ଲକ ପ୍ରଶାସନ ବୋଲି ଅଭିଯୋଗ ହୋଇଛି । କାହାର ନିର୍ଦ୍ଦେଶରେ କାହାର ଛତ୍ରଛାୟା ରେ କୁନ୍ଦୁରା ବ୍ଲକ ପ୍ରଶାସନ ଏକ ଛତ୍ରବାଦ କରିଚାଲିଛି ବୋଲି ପ୍ରଶ୍ନ ଉଠୁଛି । ଶହ ଶହ ଗରିବ ଅସହାୟ ବୃଦ୍ଧା, ବିଧବା ମାନଙ୍କୁ ଗତ ୫-୬ ମାସ ହେବ ଭତ୍ତା ମିଳିପାରୁନାହିଁ । ୮୦ ବର୍ଷ ରୁ ଊର୍ଦ୍ଧ୍ୱ ବୃଦ୍ଧଙ୍କୁ ବର୍ଦ୍ଧିତ ଭତା କେବଳ ସ୍ୱପ୍ନ ହୋଇ ରହିଯାଇଛି । ଶତାଧିକ ଯୋଗ୍ୟ ହିତାଧିକାରୀ ଆନ୍ତ୍ୟୋଦୟ ଯୋଜନାର ଲାଭ ପାଇପାରୁନଥିବା ବେଳେ ଅଯୋଗ୍ୟ ମାନେ ରାସନ କାର୍ଡ ହାତେଇ ଭରପୁର ଲାଭ ଉଠାଇ ଚାଲିଛନ୍ତି । ଅନେକ ଗାଁ ଗୁଡିକୁ ରାସ୍ତା ନାହିଁ ଏବଂ ବିଶୁଦ୍ଧ ପାନୀୟ ଜଳ ମୁନ୍ଦା.ଏ ପାଇପାରୁନାହାନ୍ତି । ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ଦିନ ସାରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗାଁ ସାରା ଲୋକ ଧାରଣାରେ ବସୁଛନ୍ତି । କିନ୍ତୁ ଲୋକଙ୍କ ଅସୁବିଧା ବୁଝିବାକୁ କୁନ୍ଦୁରା ବ୍ଲକ ପ୍ରଶାସନ ନିକଟରେ ସମୟ ନାହିଁ । ପୂର୍ବ ସରକାରର ମନରେଗା ଯୋଜନା ଯାହା ବର୍ତ୍ତମାନ ସରକାରରେ ବିବିଜିରାମଜୀ ସେଥିରେ ୨୨-୨୫ ପ୍ରତିଶତ ପର୍ଯ୍ୟନ୍ତ ପସି ଆଦାୟ କରାଯାଉଛି । ଅନ୍ୟ ଯୋଜନା ରେ ଯାହାବି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଛି ସେଥିରୁ ୫-୧୦ ପ୍ରତିଶତ ପିସି ସିଧା ସଳଖ ମଗାଯାଉଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅଲଗା ପିସି ଆଦାୟକୁ କୁନ୍ଦୁରା ବ୍ଲକ ପ୍ରଶାସନ କେମିତି ପ୍ରଶୟ ଦେଇଛି ବୋଲି ପ୍ରଶ୍ନ ଉଠୁଛି । ସରକାରୀ ନିୟମ ଅନୁସାରେ ୧୦ ଲକ୍ଷ ବା ତାଠାରୁ ଅଧିକା ଅର୍ଥର କୌଣସି ପ୍ରକଳ୍ପ କାର୍ଯ୍ୟ କରିବାକୁ ହେଲେ ତାହା ଟେଣ୍ଡର ମାଧ୍ୟମରେ କରାଯିବାର ନିୟମ ରହିଛି । କିନ୍ତୁ ୩୬ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ କାହା ନିର୍ଦ୍ଦେଶ ରେ କେଉଁ ନିୟମ ପ୍ରକାରେ ବିନା ଟେଣ୍ଡରରେ କାର୍ଯ୍ୟ କରାଯାଉଛି ତାହା ଜଣାପଡିନାହିଁ। ଏସବୁ କାର୍ଯ୍ୟର ଜିଲ୍ଲା ପ୍ରଶାସନ ନିକଟରେ କୌଣସି ସୂଚନା ନାହିଁକି ? ନା ଜାଣିଶୁଣି ଏମିତି ଅବ୍ୟବସ୍ଥା କରାଯାଉଛି ବୋଲି ପ୍ରଶ୍ନ ହେଉଛି।

ଗତ ଦିନରେ ପ୍ରତ୍ୟେକ ପଞ୍ଚାୟତକୁ ଖେଳ ସାମଗ୍ରୀ ବଣ୍ଟନ ପାଇଁ ଆସିଥିଲା ତାହା କେଉଁ ପଞ୍ଚାୟତ ପାଇଲା କେଉଁ ପଞ୍ଚାୟତ ପାଇନାହିଁ ତାହାର କୌଣସି ସୂଚନା ଦିଆଗଲା ନାହିଁ । କେତେ ଟଙ୍କାର ଖେଳ ସାମଗ୍ରୀ ଆସିଥିଲା, ଗୋଟେ ଗୋଟେ ପଞ୍ଚାୟତକୁ କେତେ ପରିମାଣ ର ଖେଳ ସାମଗ୍ରୀ ଯୋଗାଇବା କଥା ତାହା କୌଣସି ପଞ୍ଚାୟତର ସରପଞ୍ଚ କିମ୍ବା ସମିତିସଭ୍ୟଙ୍କୁ ସୂଚନା ଦିଆଯାଇନଥିବା ସରପଞ୍ଚ ଓ ସମିତି ସଭ୍ୟ ମାନେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ବି ଚାପି ଦିଆଗଲା। ସେହି ଭଳି ମନରେଗା ଯୋଜନାରେ କାର୍ଯ୍ୟ କରୁଥିବା ଦିନ ମଜୁରିଆ ଶ୍ରମିକ ମାନଙ୍କ ପ୍ରାଥମିକ ଚିକିତ୍ସା ପାଇଁ ପ୍ରତ୍ୟେକ ପଞ୍ଚାୟତର ଗାଁ ଗହଳି ମାନଙ୍କରେ ମେଟ୍ ଭାବେ କାର୍ଯ୍ୟ ବୁଲାଉଥିବା କାର୍ଯ୍ୟକର୍ତ୍ତାଙ୍କୁ ଦେବା ପାଇଁ ସ୍ୱାସ୍ଥ୍ୟ କିଟ୍ ଆସିଥିଲା କିନ୍ତୁ କୌଣସି ଜଣେ ବି ମେଟ୍‌କୁ ଉକ୍ତ ସ୍ୱାସ୍ଥ୍ୟ କିଟ୍ ଦିଆଗଲାନାହିଁ । ଅସହାୟ ଗରିବ ଦିନ ମଜୁରିଆ ଶ୍ରମିକ ମାନଙ୍କ ନିମନ୍ତେ ଆସିଥିବା ଲକ୍ଷାଧିକ ଟଙ୍କାର ସ୍ୱାସ୍ଥ୍ୟ କିଟ୍ କୁଆଡେ ଗଲା କଣ ହେଲା ତାହାର ସୂଚନା କାହାରି ନିକଟରେ ନାହିଁ । ଯିଏ ବି ଜାଣିବାକୁ ଚାହିଁଲା ତାକୁ ଭୁଆଁ ବୁଲେଇ ଦିଆଗଲା।। ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ କୁଆଡେ ଗଲା କାହାରି ଜାଣିବାର ଆଗ୍ରହ ନାହିଁ କିମ୍ବା ଜିଲ୍ଲା ପ୍ରଶାସନ ମଧ୍ୟ ଏଥି ପ୍ରତି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିଥିବା ନଜିର ନାହିଁ । କୁନ୍ଦୁରା ବ୍ଲକର ୧୬ ଟି ପଞ୍ଚାୟତ ଭିତରେ ଶହଶହ ଅସମ୍ପୂର୍ଣ୍ଣ ଆବାସ ଯଜନା ଗୃହ କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଛି । ଏଥି ପ୍ରତି ବ୍ଲକ ପ୍ରଶାସନର ନିଘା ନାହିଁ । ଦୁର୍ଭାଗ୍ୟର ବିଷୟ ଗତ କିଛି ସମୟ ଭିତରେ କୁନ୍ଦୁରା ବ୍ଲକରେ ୨ ଥର ଭିଜେଲାନ୍ସ ଚଢ଼ାଉ କରାଯାଇଛି । ବ୍ଲକ ପ୍ରଶାସନର କାର୍ଯ୍ୟକାରିତାକୁ ବିରୋଧ କରି ଗତ ପଞ୍ଚାୟତ ସମିତି ବୈଠକକୁ ସରପଞ୍ଚ ଓ ସମିତି ସଭ୍ୟ ବର୍ଜନ କଲେ । ଗତ ମିଳିତ ଅଭିଯୋଗ ଶୁଣାଣିରେ କୁନ୍ଦୁରା ବିଡ଼ିଓ ଙ୍କ ବିରୋଧରେ ଅନେକ ଅଭିଯୋଗ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନା କରାଗଲା।। ବର୍ତ୍ତମାନ ବିବାଦୀୟ ଜାଗାରେ ଆବାସ ଘର କରିବାକୁ କାର୍ଯ୍ୟାଦେଶ ଦେବା ଏବଂ କିସ୍ତି ଟଙ୍କା ଛାଡିଥିବାକୁ ନେଇ ପୁଣି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି ।

ବର୍ତମାନ ଜିଲ୍ଲାସ୍ତରୀୟ ପରବ ଉଦ୍ଘାଟନ କାର୍ଯ୍ୟକ୍ରମ କୁନ୍ଦୁରା ବ୍ଲକରେ ହେବାକୁ ଯାଉଛି । ଏଥିରେ ମଧ୍ୟ କିଛି ପୁରୁଣା କାର୍ଯ୍ୟଗ୍ରାହୀ ବ୍ୟକ୍ତିବିଶେଷଙ୍କୁ ସୂଚୀରେ ସ୍ଥାନ ଦିଆଯାଇନାହିଁ । ପରବ ଆରମ୍ଭରୁ କୁନ୍ଦୁରା ସହ ଏବଂ ପରବ ସହ ସତପ୍ରବୃତ୍ତ ଭାବେ ଜଡିତ ଥିବା ବ୍ୟକ୍ତି ବିଶେଷଙ୍କୁ ଅଣଦେଖା କରାଯାଇଥିବାକୁ ନେଇ ଅସନ୍ତୋଷ ଦେଖା ଦେଇଛି ଏହି ଭଳି ପରିସ୍ଥିତି ପୂର୍ବରୁ କେବେ କୁନ୍ଦୁରା ବ୍ଲକରେ ଦେଖିବାକୁ ମିଳି ନଥିଲା ଏତେ ସବୁ ଅନିୟମିତତା ଏବଂ ଅଭିଯୋଗ ପରେ ମଧ୍ୟ ଜିଲ୍ଲା ପ୍ରଶାସନ ଚୁପ ରହିଥିବା ଦେଖି ରାଜନୈତିକ ମହଲରେ ଏବଂ ସମାଜସେବୀ ଓ ବୁଦ୍ଧିଜୀବୀ ମହଲ ରେ ବିଭିନ୍ନ ପ୍ରକାର ଆଲୋଚନା ହେଉଛି । କୁନ୍ଦୁରା ବିଡ଼ିଓଙ୍କ ପ୍ରତି ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପାର କାରଣ ସମ୍ପର୍କରେ ଆଲୋଚନା ହେଉଛି।

ପୁଷ୍ପାଙ୍କ ମରଶରୀର ଶ୍ମଶାନବନ୍ଧୁଙ୍କ ସହଯୋଗରେ ଶେଷକୃତ ସମ୍ପନ୍ନ

ସୁନ୍ଦରଗଡ଼,୧୨।୧୩(ଆନିସ): ବୁଧବାର ସନ୍ଦେହଜନକ ସ୍ଥିତିରେ ଟାଉନ ପୋଲିସ ଦ୍ୱାରା ଜବତ ହୋଇଥିବା ମୃତ ମହିଳା ପୁଷ୍ପାଙ୍କ ମୃତ ଶରୀରକୁ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଉଭୟ ପରିବାରର ଉପସ୍ଥିତିରେ ପଞ୍ଚନାମା ଓ ଶବ ବ୍ୟବଚ୍ଛେଦ କରାଯିବା ପରେ ଶବ ନେବାକୁ ଉଭୟ ପରିବାର ମନା କରି ଦେଇଥିଲେ। ଟାଉନ ପୋଲିସ ସୁନ୍ଦରଗଡ ସହରର ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କର ସହଯୋଗ ଲୋଡିଥିବା ବେଳେ ଗତକାଲି ରାତିରେ ଟାଉନ ପୋଲିସ ଉପସ୍ଥିତିରେ ଟିମ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଦେବେନ ସାହୁ ଓ ଚିଣ୍ଟୁ ରକ୍ସାଙ୍କ ଉଦ୍ୟମ ରେ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ କରାଯାଇ ଥିଲା। ଟାଉନ ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ଓ ଉପଖଣ୍ଡ ପୋଲିସ ଅଧିକାରୀ ନିର୍ମଳ ମହାପାତ୍ର ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କର ନିଷ୍ଠାପର ଉଦ୍ୟମକୁ ସାଧୁବାଦ ଜଣାଇବା ସହିତ ପ୍ରଶଂସା କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଆବଶ୍ୟକ ସାମଗ୍ରି ଗୁଡିକ ଯୋଗାଇ ଦିଆଯାଇଥିଲା।



ହବାକ ହାଇ ସ୍କୁଲ ରେ ପରିଚାଳନା କମିଟି ବୈଠକ, ଅବ୍ୟବସ୍ଥା ନେଇ ଚିନ୍ତା ବଢିଲା

ଘୁ.ଉଦୟଗିରି ,୧୨।୧୧(ଆନିସ): ଘୁ .ଉଦୟଗିରି ପିଏମଶ୍ରୀ ହବାକ ହାଇ ସ୍କୁଲ ରେ ଆଜି ପରିଚାଳନା କମିଟି ବୈଠକ କମିଟି ସଭାପତି ଦୁର୍ଗା ମାଧବ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ବେଳେ ସୋସିଆଲ ଅଡିଟ ରିପୋର୍ଟ ଆସିବା ପରେ ଚିନ୍ତା ବଢ଼ି ଯାଇଛି। ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ତଥା ପିଏମ୍ ପୋଷଣ ଯୋଜନାର କାର୍ଯ୍ୟକାରିତାକୁ ନେଇ ସାମାଜିକ ସମୀକ୍ଷା (ସୋସିଆଲ ଅଡିଟ୍) ରିପୋର୍ଟରେ ଏକାଧିକ ଅବ୍ୟବସ୍ଥା ଓ ତ୍ରୁଟି ଚିହ୍ନଟ ହୋଇଛି। ବିଦ୍ୟାଳୟର ଭିତ୍ତିଭୂମି, ଖାଦ୍ୟର ମାନ, ପରିମଳ ବ୍ୟବସ୍ଥା, ରେକର୍ଡ ସଂରକ୍ଷଣ ଓ ତଦାରଖ ଭଳି ବିଭିନ୍ନ କ୍ଷେତ୍ରରେ ଅବହେଳା ଥିବା ରିପୋର୍ଟରେ ଦର୍ଶାଯାଇଛି।ରିପୋର୍ଟ ଅନୁଯାୟୀ, ବିଦ୍ୟାଳୟରେ ରୋଷେଇ ଘର ନଥିବା, ପିଲାଙ୍କ ପାଇଁ ସ୍ୱତନ୍ତ୍ର ଭୋଜନ ସ୍ଥାନର ଅଭାବ, ରୋଷେଇ ଘରେ ଉପଯୁକ୍ତ ବାୟୁ ଚଳାଚଳ ବ୍ୟବସ୍ଥା ନଥିବା ଏବଂ ଖାଦ୍ୟ ସାମଗ୍ରୀ ରଖିବା ପାଇଁ ଷ୍ଟୋର ରୁମ୍? ନଥିବା ଭଳି ସମସ୍ୟା ରହିଛି।ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ବିଦ୍ୟାଳୟରେ ରୋଷେଇ ପାଇଁ ଯୋଗାଇ ଦିଆଯାଉଥିବା ଚାଉଳର ମାନକୁ ନେଇ ଗୁରୁତର ଅଭିଯୋଗ ଉଠିଛି। ଡବ୍ଲ୍ୟୁଏସ୍ଏଚ୍?ଜି ପକ୍ଷରୁ ପୋକ ଲାଗିଥିବା ନିମ୍ନମାନର ଚାଉଳ ଯୋଗାଇ ଦିଆଯାଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି।ସେହିପରି ରୋଷେଇ ଘରର ପରିମଳ ଅବସ୍ଥା ଠିକ୍ ନଥିବା, ଖାଦ୍ୟ ସାମଗ୍ରୀ ସୁରକ୍ଷିତ ଓ ସ୍ୱଚ୍ଛ ଭାବେ ସଂରକ୍ଷଣ ହେଉନଥିବା, ନିୟମିତ ହାତ ଧୋଇବା ଅଭ୍ୟାସ ପାଳନ ହେଉନଥିବା ଏବଂ ଶିକ୍ଷକ, ଅଭିଭାବକ ଓ ଏସ୍ଏମ୍ସି ସଦସ୍ୟଙ୍କ ଦ୍ୱାରା ଖାଦ୍ୟର ସ୍ୱାଦ ପରୀକ୍ଷା କରାଯାଇ ରେକର୍ଡ ରଖାଯାଉନଥିବା ଦର୍ଶାଯାଇଛି। ଏଥିସହ ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ ମଧ୍ୟ ନିୟମିତ ହେଉନଥିବା ଅଭିଯୋଗ ରହିଛି।ଅନ୍ୟପକ୍ଷରେ, ରୋଷେୟା ତଥା ସହାୟିକାମାନଙ୍କୁ ନିୟମିତ ପାରିଶ୍ରମିକ ମିଳୁନଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ହୋଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସମ୍ପର୍କିତ ରେକର୍ଡ ଓ ରେଜିଷ୍ଟର ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉନଥିବା ସହ ଆବଶ୍ୟକ ରେଜିଷ୍ଟର ଉପଲବ୍ଧ ନଥିବା ଜଣାପଡ଼ିଛି।ଏହାବ୍ୟତୀତ ନୂତନ ଖାଦ୍ୟ ତାଲିକା (ମେନୁ ଚାର୍ଟ) ବିଦ୍ୟାଳୟ କାନ୍ଥରେ ପ୍ରଦର୍ଶିତ ହୋଇନଥିବା ଏବଂ ସରକାରୀ ଅଧିକାରୀ, ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଧ୍ୟାହ୍ନ ଭୋଜନ ଯୋଜନାର ନିୟମିତ ତଦାରଖ ହେଉନଥିବା ରିପୋର୍ଟରେ ଦର୍ଶାଯାଇଛି। ରୋଷେୟା ଓ ସହାୟିକାମାନେ ମୁଣ୍ଡରେ କ୍ୟାପ୍ ପିନ୍ଧୁନଥିବା, ସଫା ସୂତା ପୋଷାକ ବ୍ୟବହାର କରୁନଥିବା ଏବଂ ବ୍ୟକ୍ତିଗତ ସ୍ୱଚ୍ଛତା ପ୍ରତି ଯଥେଷ୍ଟ ଧ୍ୟାନ ଦେଉନଥିବା ମଧ୍ୟ ଉଲ୍ଲେଖ ରହିଛି।ଏଭଳି ସ୍ଥିତିରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନାର ସୁପରିଚାଳନା ଓ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ, ସ୍ୱଚ୍ଛ ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ନେଇ ପ୍ରଶ୍ନ ଉଠିଛି। ରିପୋର୍ଟରେ ଉଲ୍ଲେଖିତ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ପ୍ରଧାନ ଶିକ୍ଷକ ରଞ୍ଜିତ ପାଟ୍ଟାମାଝି ଙ୍କ ସହିତ ପରିଚାଳନା କମିଟି ସଭ୍ୟ ମାନେ ଉପସ୍ଥିତ ଥିବା ବେଳେ ବ୍ଲକ ସୋସିଆଲ ଅଡିଟର ରମାକାନ୍ତ ପ୍ରଧାନ, ସି ଏସ ଏ ମିଲିନା ସାହୁ, ମାମା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



ବରଗଡ଼ ଚିନିକଳର ପୁନରୁଦ୍ଧାର ପାଇଁ ଅମିତ ଶାହଙ୍କ ପ୍ରତିଶ୍ରୁତି

ବାୟୋ-ଇଥାନଲ୍ ପ୍ରକଳ୍ପର ଉଦ୍‌ଘାଟନ ପାଇଁ ବରଗଡ଼ ଆସିବାକୁ ସାଂସଦଙ୍କ ନିମନ୍ତ୍ରଣ

ବରଗଡ଼, ୧୨।୧୧: ବରଗଡ଼ ଜିଲ୍ଲାରେ ନବନିର୍ମିତ ବିପିସିଏଲ୍‌ର ଏକୀକୃତ ଜୈବ-ଇଥାନଲ୍ କାରଖାନାର ଉଦ୍‌ଘାଟନ ପାଇଁ କେନ୍ଦ୍ରୀୟ ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ନିମନ୍ତ୍ରଣ ଜଣାଇବା ସହ ବନ୍ଦ ପଡ଼ିଥିବା ବରଗଡ଼ ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ ତାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ଦିଲ୍ଲୀସ୍ଥିତ କର୍ତ୍ତବ୍ୟ ଭବନ-୩ କାର୍ଯ୍ୟାଳୟରେ ଶ୍ରୀ ଶାହଙ୍କୁ ସାକ୍ଷାତ୍ କରି ସାଂସଦ ଦୁଇଟି ପୃଥକ ଚିଠି ମାଧ୍ୟମରେ ଏହି ଦାବି ଉପସ୍ଥାପନ କରିଥିଲେ। ଏହାର ଗୁରୁତ୍ୱ ଉପଲବ୍ଧି କରି ବରଗଡ଼ ଚିନିକଳ ପୁନର୍ବାର ଖୋଲିବା ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ଶାହ ପ୍ରତିଶ୍ରୁତି ଦେଇଥିବା ସାଂସଦ ସୂଚନା ଦେଇଛନ୍ତି।



ସାଂସଦଙ୍କ ଚିଠି ଅନୁଯାୟୀ, ବିପିସିଏଲ୍ ପକ୍ଷରୁ ପ୍ରାୟ ୧,୭୭୫ କୋଟି ଟଙ୍କା ବ୍ୟୟରେ ବରଗଡ଼ରେ ସ୍ଥାପିତ ପୂର୍ବ ଭାରତର ପ୍ରଥମ ଦ୍ୱିତୀୟ ପିଢ଼ିର ଏକୀକୃତ ଜୈବ-ଇଥାନଲ୍ କାରଖାନା ପ୍ରଧାନମନ୍ତ୍ରୀ ଜୀ-ଭାନ୍ ଯୋଜନା ଅନ୍ତର୍ଗତ ପ୍ରତିଦିନ ୨୦୦ କିଲୋଲିଟର ଇନ୍ଧନ ଉତ୍ପାଦନ କରିବାର କ୍ଷମତା ରଖିଛି। ଧାନନଡ଼ା ଓ ଅନ୍ୟାନ୍ୟ କୃଷି ଅବଶେଷର ଉପଯୋଗ ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷା, ନିଯୁକ୍ତି ସୃଷ୍ଟି ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ପାଇଁ ଶ୍ରୀ ଶାହ ନିଜେ ବରଗଡ଼ ଆସିବାକୁ ସାଂସଦ ଅନୁରୋଧ କରିଛନ୍ତି।

ଏହା ସହିତ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତର ଐତିହାସିକ, ଧାର୍ମିକ ଓ ପରିବେଶଗତ ମହତ୍ତ୍ୱ ସମ୍ପର୍କରେ ଶ୍ରୀ ଶାହଙ୍କୁ ଅବଗତ କରାଇବା ସହ ଏହାର ଗୁରୁତ୍ୱକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବା ପାଇଁ ଗନ୍ଧମାର୍ଦ୍ଦନ ପର୍ବତ ଓ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ପରିଦର୍ଶନରେ ଆସିବାକୁ ମଧ୍ୟ ସାଂସଦ ନିମନ୍ତ୍ରଣ ଜଣାଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ସମ୍ବଲପୁରୀ ବୁଣାକାରଙ୍କ କଳାର ପରିଚୟ ବହନ କରୁଥିବା ସମ୍ବଲପୁରୀ ବସ୍ତ୍ରରେ ନିର୍ମିତ ଏକ ଜ୍ୟାକେଟ୍ ଶ୍ରୀ ଶାହଙ୍କୁ ଉପହାର ଦେଇଥିଲେ। ଏହି ସାକ୍ଷାତ୍କାର ସମୟରେ ଓଡ଼ିଶାର ରାଜନୈତିକ ସ୍ଥିତି ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା।

ଅନ୍ୟପକ୍ଷରେ, ବରଗଡ଼ର ତୋରାଠାରେ ୧୦୪ ଏକର ଜମିରେ ଅବସ୍ଥିତ ଐତିହାସିକ ବରଗଡ଼ ସମବାୟ ଚିନିକଳର ପୁନରୁଦ୍ଧାର ପ୍ରସଙ୍ଗକୁ ସାଂସଦ ଗୁରୁତ୍ୱର ସହ ଉଠାଇଛନ୍ତି। ପରିଚାଳନାଗତ ଅବ୍ୟବସ୍ଥା ଓ ଆର୍ଥିକ ସମସ୍ୟା ଯୋଗୁଁ ୨୦୧୬ ଏପ୍ରିଲ୍ ମାସରୁ ଏହି କାରଖାନା ବନ୍ଦ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ପାଇଁ ଇଣ୍ଡିଆନ୍ ପୋଟାଶ୍ ଲିମିଟେଡ୍ ୨୦୨୨ ନଭେମ୍ବର ୧୬ ତାରିଖରେ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ୨୦୨୩ ଅକ୍ଟୋବର ୧୬ ତାରିଖରେ ଏହି ପ୍ରକ୍ରିୟାକୁ ପରିସମାପ୍ତି ଘୋଷଣା କରାଯାଇଥିଲା। ଫଳରେ ଶତାଧିକ କର୍ମଚାରୀ ଓ ଆଖୁଚାଷୀଙ୍କ ଜୀବିକା ପ୍ରଭାବିତ ହେବା ସହ ଅଞ୍ଚଳରେ ଆଖୁଚାଷ ପ୍ରାୟତଃ ବନ୍ଦ ହୋଇଯାଇଛି।

ଏହି ୧୦୪ ଏକର ଜମିରେ ଏକ ଆଧୁନିକ ଓ ସମନ୍ୱିତ ଚିନିକଳ ସ୍ଥାପନ ପାଇଁ ଇଣ୍ଡିଆନ୍ ପୋଟାଶ୍ ଲିମିଟେଡ୍ କିମ୍ବା ଅନ୍ୟ କୌଣସି ସକ୍ଷମ ସମବାୟ ସଂସ୍ଥାକୁ ଦାୟିତ୍ୱ ଦେବା ନିମନ୍ତେ ସମବାୟ ମନ୍ତ୍ରଣାଳୟ ମାଧ୍ୟମରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଓ ନିର୍ଦ୍ଦେଶ ଜାରି କରିବାକୁ ସାଂସଦ ଶ୍ରୀ ପୁରୋହିତ ଅନୁରୋଧ କରିଛନ୍ତି।

ବରଗଡ଼ ଜିଲ୍ଲାର କୃଷିଭିତ୍ତିକ ଅର୍ଥନୀତିକୁ ନୂତନ ଦିଗ ଦେବା, ଚାଷୀଙ୍କ ଆୟ ବୃଦ୍ଧି, ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଏବଂ ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଦିଗରେ ବାୟୋ-ଇଥାନଲ୍ ପ୍ରକଳ୍ପ ଓ ଚିନିକଳର ପୁନରୁଦ୍ଧାର ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି ବୋଲି ସାଂସଦ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୈପାରିଗୁଡା,୧୨।୧୧(ଆନିସ): ବୈପାରିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ମାନଙ୍କୁ ଚିହ୍ନଟ କରିବା ସହ ଆବଶ୍ୟକୀୟ ଡାକ୍ତରୀ ପରୀକ୍ଷା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସାମିଲ କରି ସେମାନଙ୍କୁ ସହାୟତା ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।।ଶିବିରରେ ମୋଟ ୧୯୨ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୮୨ ଜଣ ଅସ୍ଥି

ଡ୍ରପ ଆଉଟ ଛାତ୍ରଛାତ୍ରୀଙ୍କ ପୁନଃ ନାମଲେଖା

ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଥୁଆମୂଳ ରାମପୁର,୧୨।୧୧(ଆନିସ): ବିଦ୍ୟାଳୟରୁ ଅଧାରୁ ପାଠଛାଡିଥିବା ଡ୍ରପ ଆଉଟ ଛାତ୍ରଛାତ୍ରୀଙ୍କୁ ପୁଣିଥରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ତାଲୁକ ଆଇନ ସେବା କମିଟି ଏବଂ କର୍ତ୍ତବ୍ୟ ଅନୁଷ୍ଠାନଙ୍କ ମିଳିତ ଆୟୋଜନରେ ଏକ ସ୍ୱତନ୍ତ୍ର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ବିଚାରପତି ଡ. ତାରିଣୀ ପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥୁଆମୂଳ ରାମପୁର କୁମାରକାନି ଗ୍ରାମରେ ଏହି ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ବାର ଆସୋସିଏସନ ସଭାପତି ମନୋରଞ୍ଜନ ନାଏକ, ସମ୍ପାଦକ ଦିଲ୍ଲୀପ ନାଏକ, ସରକାରୀ ଆଇନଜୀବୀ ସୁଧାଶୁ ନାଏକ, କର୍ତ୍ତବ୍ୟ ଅନୁଷ୍ଠାନ ସୁଭ୍ରାଶୁଂ ମାଝୀ, ରାଜେସ ବାଣୁଆ, କର୍ତ୍ତବ୍ୟ ଅନୁଷ୍ଠାନ ବ୍ଲକ ସଂଯୋଜକ ସୁଦର୍ଶନ ନାଏକ, ପ୍ରିୟଙ୍କା ମାଝୀ ଏପିପି, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ମାଝୀ, ସେମେଣ୍ଟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିବା ବେଳେ କୋର୍ଟର ଅନ୍ୟାନ୍ୟ କର୍ମଚାରୀ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ। ବିଚାରପତି ଡ. ସାହୁ ଶିକ୍ଷା ଅଧିକାର ଆଇନ ଏବଂ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ: ଶିକ୍ଷା ଅଧିକାର ଆଇନ, ୬ ରୁ ୧୪ ବର୍ଷ ବୟସ୍ତର ପ୍ରତ୍ୟେକ ଶିଶୁଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଏକ ମୌଳିକ ଅଧିକାର ବୋଲି ଏଥିରେ ସାମିଲ ହୋଇଥିବା ଅନ୍ୟାନ୍ୟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଡ୍ରପ ଆଉଟ ରୋକିବା: ଆର୍ଥିକ ଅନଟନ କିମ୍ବା ପାରିବାରିକ ସମସ୍ୟା ଯୋଗୁଁ କୌଣସି ପିଲା ଯେପରି ପାଠପଢାରୁ ବଞ୍ଚିତ ନହୁନ୍ତି, ସେଥିପ୍ରତି ଅଭିଭାବକ ଓ ଶିକ୍ଷକମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ସରକାରୀ ସହାୟତା: ପୁନଃ ନାମଲେଖା ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା, ସୁଯୋଗ, ଛାତ୍ରବୃତ୍ତି ଏବଂ ଆଇନଗତ ସହାୟତା ବିଷୟରେ ଉପସ୍ଥିତ ଅଭିଭାବକମାନଙ୍କୁ ଅବଗତ କରାଯାଇଥିଲା।

ଚିତ୍ରକୋଣ୍ଡା ଛକରେ ଖାଲଖମା ରାସ୍ତା ମରାମତି କଲେ ଶ୍ରୀ ସତ୍ୟ ସାଇ ସେବା ସମିତି ସଦସ୍ୟ



ଚିତ୍ରକୋଣ୍ଡା,୧୨।୧୧(ଆନିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ପ୍ରମୁଖ ଆକର୍ଷଣ ପାଲଟିଥିବା 'ଆଇ ଲଭ ଚିତ୍ରକୋଣ୍ଡା' ଛକ ନିକଟରେ ଦୀର୍ଘ ଦିନ ଧରି ପଡ଼ିରହିଥିବା ଖାଲଖମା ରାସ୍ତାର ମରାମତି କରି ଅଞ୍ଚଳବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ସ୍ରୀ ସତ୍ୟ ସାଇ ସେବା ସମିତି, ଚିତ୍ରକୋଣ୍ଡା ଶାଖାର ସଦସ୍ୟମାନେ। ସୂଚନା ମୁତାବକ, ଉକ୍ତ ଛକ ନିକଟ ରାସ୍ତା ଦୀର୍ଘ ଦିନ ଧରି ଭଙ୍ଗାରୁଜା ଅବସ୍ଥାରେ ପଡ଼ିରହିଥିବାରୁ ଦୈନନ୍ଦିନ ଶତାଧିକ ଗାଡ଼ିମୋଟର ଓ ପାଦଚଲା ଯାତ୍ରୀ ଯାତାୟାତ କରିବାରେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ଷା ଜଳ ଜମି ରହିବା ସହ ଖାଲ ସୃଷ୍ଟି ହୋଇ ପ୍ରାୟତଃ ଦୁର୍ଘଟଣା ଘଟୁଥିଲା। ଏହି ସମସ୍ୟାର ସ୍ଥାୟୀ ନିରାକରଣ ଓ ପଥଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସତ୍ୟ ସାଇ ସେବା ସମିତିର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ କରିବାକୁ ଆଗେଇ ଆସିଥିଲେ। ସମିତିର ସମସ୍ତ ସଦସ୍ୟ ମିଳିମିଶି ରାସ୍ତାରେ ଥିବା ବଡ଼ ବଡ଼ ଖାଲଗୁଡ଼ିକୁ ମାଟି, ଗୋଡ଼ି ଓ କଂକ୍ରିଟ୍? ପକାଇ ସମାନ କରିଥିଲେ। ସମାଜସେବା ହିଁ ପ୍ରକୃତ ସେବା ଏହି ବାର୍ତ୍ତା ନେଇ ସେବା ସମିତି ପକ୍ଷରୁ କରାଯାଇଥିବା ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ସତ୍ୟ ସାଇ ସେବା ସମିତିର କଂଭିନର ଶ୍ରୀନିବାସ ନାୟକ, ୟୁଥ କୋ ଅର୍ଡିନେଟର ବି ସନ୍ତୋଷ, ସେବାଦଳ କୋ ଅର୍ଡିନେଟର ଧନୁର୍ଜୟ ନାୟକ, ବରିଷ୍ଠ ସଦସ୍ୟ ଚିରଞ୍ଜୀବ ନାୟକ, ଜୟ ଗୌଡ଼, ଚିତ୍ରସେନ ଘଡେଇ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ନିସ୍ୱାର୍ଥପର କାର୍ଯ୍ୟକୁ ଚିତ୍ରକୋଣ୍ଡାର ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀ ମହଲରେ ଉଚ୍ଚ ପ୍ରଶଂସା କରିଛନ୍ତି ତଥା ଏହି ରାସ୍ତାଟି ଚିତ୍ରକୋଣ୍ଡା ର ମୁଖ୍ୟ ରାସ୍ତା ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ରାସ୍ତା ହୋଇଥିବା ବେଳେ ନିତିଦିନ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ବେଳେ ପ୍ରଶାସନିକ ଅବହେଳା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ମିଲୁନି ଭତ୍ତା, ୫୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ପାଇଁ ବିଜେଡିର ପ୍ରତିବାଦ



ତେନ୍ତୁଳିଖୁଣ୍ଟି,୧୨।୧୧ (ଆନିସ): ଦୀର୍ଘ ତିନିରୁ ଚାରି ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଭତ୍ତା ମିଳୁନଥିବା ଅଭିଯୋଗକୁ ନେଇ ତେନ୍ତୁଳିଖୁଣ୍ଟି ବ୍ଲକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାହାର ତିନି ମାସ ତ ଆଉ କାହାର ଚାରି ମାସ ହେଲା ଭତ୍ତା ବନ୍ଦ ରହିଥିବାରୁ ୫୦୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତି ନାନା ସମସ୍ୟାରେ ପଡ଼ିଛନ୍ତି। ଏହାର ପ୍ରତିବାଦରେ ବୁଧବାର ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା।

ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦରେ ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରଣ୍ଡାରୀ, ପୂର୍ବତନ ସାଂସଦ ରମେଶ ମାଝୀ ଓ ପ୍ରଦୀପ ମାଝୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରବି ପଟ୍ଟନାୟକ, ମଞ୍ଜୁଳା ମାଝୀ ଗଜେନ୍ଦ୍ର ସାଗରିଆ,ସୁରେଶ ନାୟକ, ଟୁନାବାବୁ, ପିଙ୍କୁ, ବାରି ଜ ସହ ବହୁ କର୍ମୀ ଯୋଗ ଦେଇଥିଲେ

ଆନ୍ଦୋଳନକାରୀମାନେ ବଞ୍ଚିତ ହିତାଧିକାରୀଙ୍କୁ ଆସନ୍ତା ୧୫ ଦିନ ମଧ୍ୟରେ ବକେୟା ଭତ୍ତା ସହ ନିୟମିତ ଭତ୍ତା ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ସମୟସୀମା ମଧ୍ୟରେ ଦାବି ପୂରଣ ନହେଲେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନଶନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଥିଲେ।

ଖବର ପାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ପ୍ରତିବାଦ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ଓଡ଼ଗାଁ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ସରକାରୀ ଯୋଜନା ଗାଁରେ ପହଞ୍ଚି ପାରିଲେ ବିକଶିତ ଭାରତ ଗଠନ ସ୍ୱପ୍ନ ସଫଳ ହେବ :ବାଚସ୍ପତି

ଓଡ଼ଗାଁ,୧୨।୧୧(ଆନିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ତଥା ଏନ୍‌ଏସି ପ୍ରଥମ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଓଡ଼ଗାଁ ମହୋତ୍ସବ ପଡ଼ିଆରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଡା.ପ୍ରକାଶ ଚନ୍ଦ୍ର ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ବିଧାନସଭାର ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ। ମେଳାରେ ସ୍ଥାନ ପାଇଥିବା ମତ୍ସ୍ୟ, ପ୍ରାଣୀସମ୍ପଦ,ଓଡ଼ିଶା ଶ୍ରୀଅନ୍ନ ଅଭିଯାନ,କୃଷି ଉଦ୍ୟାନ କୃଷି ବିଭାଗ ଦ୍ୱାରା ପ୍ରଦର୍ଶିତ ୧୨ ଷ୍ଟଲ୍ ବୁଲି ଦେଖିଥିଲେ।ମଞ୍ଚାସୀନ ହେବା ପରେ କାମଧେନୁ ଯୋଜନା ସମ୍ପର୍କରେ ବୁଝାଇଥିଲେ।କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଗୁଡ଼ିକ ଗାଁରେ ପହଞ୍ଚି ପାରିଲେ ବିକଶିତ ଭାରତର ସ୍ୱପ୍ନ ସାକାର ହେବ ବୋଲି ବାଚସ୍ପତି କହିଥିଲେ।ଓଡ଼ିଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ସଦସ୍ୟା



ବିରଜା ଲକ୍ଷ୍ମୀ ସାହୁ ଝିଲି ପ୍ରଧାନ ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ନୟାଗଡ଼ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା.ବିଦ୍ୟୁତ୍ ଶେଖର ମିଶ୍ର,ଜିଲ୍ଲା ମତ୍ସ୍ୟ ଅଧିକାରୀ ସିଏଚ ପଲ୍ଲବୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରାଣୀ ମଙ୍ଗଳ ବିଭାଗ ଡା.ଅକ୍ଷୟ କୁମାର ଯେନା ପ୍ରମୁଖ ଅତିଥି ଯୋଗ ଦେଇ ପ୍ରାଣୀ,ମତ୍ସ୍ୟ,କୃଷି,ଉଦ୍ୟାନ କୃଷି ମାଧ୍ୟମରେ ଚାଷୀର ଆୟ କିପରି ଦ୍ୱିଗୁଣ ଓ ବହୁଗୁଣିତ ହେବ ଏବଂ ସ୍ୱାବଲମ୍ବୀ ହୋଇପାରିବ ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଗୋ ବୀମା ଯୋଜନାରେ ଅର୍ଜୁନ ସାହୁଙ୍କୁ ୫୪ ହଜାର ଏବଂ ବବ୍ଲୁ କୁମାର ଗୌଡଙ୍କୁ ୩୯ ହଜାର,ମଇଁଷି ପାଳନ ପାଇଁ ଦମୟନ୍ତୀ ବେହେରାଙ୍କୁ ୧ ଲକ୍ଷ ୬୧ ହଜାର, ମୁଖ୍ୟମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନାରେ ଅନୁଚ୍ଛାୟା ପ୍ରଧାନଙ୍କୁ ୨ ଲକ୍ଷ ୬୯ ହଜାର ଏବଂ ମତ୍ସ୍ୟ ପୋଖରୀ ଯୋଜନାରେ ସୁକୁରୀ ଦେଇଙ୍କୁ ୧ ଲକ୍ଷ ୪୦ ହଜାର ଘାସ ଚାଷ ପାଇଁ ପ୍ରିୟଦର୍ଶନୀଙ୍କୁ ୭ ହଜାର ୫ଶହ ଟଙ୍କାର ଡମି ଚେକ୍ ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ଜାଆଁଳା ଉତ୍ପାଦନ କେନ୍ଦ୍ର ପାଇଁ ଦିଲ୍ଲୀପ କୁମାର ନାୟକ, ମତ୍ସ୍ୟ ଉତ୍ପାଦନ ପାଇଁ ମୃତ୍ୟୁଞ୍ଜୟ ପରିଡ଼ା,ଗୋପାଳନ ପାଇଁ ଅଚ୍ୟୁତ ମହାନ୍ତି,ପ୍ରଶାନ୍ତ ନାୟକ,ଛେଳି ପାଇଁ ସରୋଜିନୀ ସାହୁ,ସେଲି ପାତ୍ର,ମତ୍ସ୍ୟ ଯନ୍ତ୍ରପାତି ପାଇଁ ସୁରେନ୍ଦ୍ର ନାୟକ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ପାଇଁ ବିନୋଦିନୀ ସାହୁଙ୍କୁ ସମ୍ମାନିତ କରାଯାଇଥିବା ବେଳେ ମତ୍ସ୍ୟ ପୋଖରୀ ଯୋଜନାରେ କୁରାଳର ରାମେଶ୍ୱର ପଣ୍ଡାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଡା.ରିତେଶ ମହାପାତ୍ର, ଡା.ଅଙ୍କିତା ଜାନୀ ଡା.ଅରୂପ ରଞ୍ଜନ ମହାନ୍ତି,ଡା.ପ୍ରତିକ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବ୍ଲକ ମତ୍ସ୍ୟ ଅଧିକାରୀ ସୋନାଲୀ ସୁଚରିତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

କଳାହାଣ୍ଡି ଜିଲ୍ଲାରେ ଏକିକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉଦଘାଟନ

ମଧୁବାବୁ ପେନସନ ଯୋଜନାର ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଭବାନୀପାଟଣା,୧୨।୧୧(ଆନିସ): ସ୍ଥାନୀୟ ଟାଉନ ହଲ ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏକୀକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉଦଘାଟନ ସହ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟ ଗତ ୧୦ ତାରିଖରେ ବାଲେଶ୍ୱର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକିକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉଦଘାଟନ କରିଥିଲେ । ବର୍ତ୍ତମାନ ମଧୁବାବୁ ପେନସନ ଯୋଜନାରେ ରାଜ୍ୟରେ ୫,୦୫,୮୧୭ ଜଣ ଯୋଗ୍ୟ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ,ଜିଲ୍ଲପାଳ ପାୱାର ସଚିନ ପ୍ରକାଶ,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ,ଉପ ଜିଲ୍ଲାପାଳ ଭବାନୀପାଟଣା ଆଶିନୀ ଏ ଏଲ, ପୌରପାଳିକା ଭବାନୀପାଟଣା ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଜିଲ୍ଲାରେ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ମାଧ୍ୟମରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବନ୍ଦେ ମାତରଂ ଓ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କ୍ୟାବିନେଟ ମନ୍ତ୍ରୀ ପ୍ରଥମେ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲାର ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ନୂଆ କରି ଯୋଡ଼ି ହୋଇଥିବା ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ପାଠ କରିଥିଲେ। ମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟରେ ସାମାଜିକ ସୁରକ୍ଷା ଭତ୍ତା ପାଇଁ ଆଉ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡିବ ନାହିଁ। ଏଣିକି ଭତ୍ତା ପାଇବା ପାଇଁ ଯୋଗ୍ୟ ବ୍ୟକ୍ତି ଆବେଦନ କରିବାର ପର ମାସ ଠାରୁ ଭତ୍ତା ପାଇବେ। ପୂର୍ବରୁ ଯୋଗ୍ୟ ହିତାଧିକାରୀ ତାଲିକାରେ ଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ନାମ କାଟିଲେ ହିଁ ଏହି ସୁବିଧା ପାଉଥିଲେ ଯାହାକି ଗ୍ରହଣୀୟ ନ ଥିଲା। ୮୦ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ପାଇଁ ପୁନର୍ବାର ଆବେଦନ କରିବାକୁ ପଡିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ମଧୁବାବୁ ପେନସନ ଯୋଜନାର ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ମାନଙ୍କରେ ଏକିକୃତ ପେନସନ ପରିଚାଳନା ପୋର୍ଟାଲ,ଆବେଦନ ପ୍ରକ୍ରିୟା ଉପରେ ବିଶେଷ ଜନ ସଚେତନତା ସୃଷ୍ଟି କରିବ ।

ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଧର୍ମଗଡ ବିଧାୟକ ସୁଧୀର ପାଟ୍ଟଯୋଶୀ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ନିଜ ବକ୍ତବ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ପଦକ୍ଷେପକୁ ବହୁଳ ପ୍ରଶଂସା କରି ଏହି ପୋର୍ଟାଲ ମାଧ୍ୟମରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ଏବଂ ଜିଲ୍ଲାରେ ପ୍ରକୃତ ହିତାଧିକାରୀ ଆର୍ଥିକ ସହାୟତାରୁ କେବେ ବଞ୍ଚିତ ହେବେ ନାହିଁ ବୋଲି କହିଥିଲେ।ଜିଲ୍ଲାରେ ଅକ୍ଟୋବର ମାସ ରେ ସମସ୍ତ ବ୍ଲକ ,ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲଟି ରେ ମୋଟ ୧୭୮୧୦ ଜଣ ନୂତନ ହିତାଧିକାରୀଙ୍କୁ ବ୍ଲକ୍ ସ୍ତରରେ ଆସନ୍ତା ୧୨ ଓ ୧୩ ତାରିଖରେ ପ୍ରଦାନ କରାଯିବ ବୋଲି କହିଥିଲେ। ଏହାକୁ ମିଶାଇ ଜିଲ୍ଲାରେ ବର୍ତ୍ତମାନ ୧୬୫୨୭୨ ଜଣ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି। ଭତ୍ତା ପାଇବା ପାଇଁ ଯୋଗ୍ୟ ବ୍ୟକ୍ତି ବଡିଓଙ୍କ କାର୍ଯ୍ୟାଳୟ ଯାଇ ଆବେଦନ କରିପାରିବେ କିମ୍ବା ଅନଲାଇନ ପୋର୍ଟାଲରେ ଆବେଦନ କରିପାରିବେ।ଟାଉନ ହଲ ପରିସରରେ ବିଭିନ୍ନ ବ୍ଲକ ଓ ପୌରପାଳିକା ଭବାନୀପାଟଣା ର ବିଭିନ୍ନ ୱାର୍ଡ ର ଭତ୍ତା ବଣ୍ଟନ କେନ୍ଦ୍ର ଖୋଲାଯାଇ ଏବଂ ମଞ୍ଚକୁ ମିଶାଇ ୭୨୩ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁଇ ନୂଆ ଇକୋ-ଟୁରିଜିମର ଶୁଭ ଉଦଘାଟନ

ଢେଙ୍କାନାଳ, ୧୨।୧୧: ଢେଙ୍କାନାଳ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ମିଳିବ ନୂଆ ପରିଚୟ । ପ୍ରକୃତିର ମନୋରମ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି ଦୁଇଟି ନୂତନ ଇକୋ-ଟୁରିଜିମ୍ ସ୍ପଟ୍ । କାମାକ୍ଷାନଗର ପଶ୍ଚିମାଞ୍ଚଳ ବନାଞ୍ଚଳ ପାକଟମୁଣ୍ଡା ଏବଂ ତୁମୁସିଙ୍ଗା ଠାରେ ଏହି ଇକୋ-ଟୁରିଜିମର ଶୁଭ ଉଦଘାଟନ କରିଛନ୍ତି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ । ଏହାଦ୍ୱାରା ଅଞ୍ଚଳର ପର୍ଯ୍ୟଟନର ବିକାଶ ସହ ସ୍ଥାନୀୟ ଅଞ୍ଚଳରେ ର

ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ବୈଠକ

ନୟାଗଡ଼, ୧୨/୧୧(ଆନିସ): ନୟାଗଡ଼ ଜିଲ୍ଲା ପରିଷଦର ସୃଜନ ସମ୍ମିଳନୀ କକ୍ଷରେ ସାଂସଦ କଟକ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି ଏଥିରେ ବିଧାୟକ ଖଣ୍ଡପଡ଼ା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ଅଧ୍ୟକ୍ଷ ଜିଲ୍ଲା ପରିଷଦ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ମୁଖ୍ୟ ଉନ୍ନୟନ ଅଧିକାରୀ, ଲଗ୍ନଜିତ ରାଉତ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସାଂସଦ ଶ୍ରୀ ମହତାବ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କୁ ଏହି ବୈଠକକୁ ସ୍ୱାଗତ କରିବା ସହ ପୂ ବୈଠକରେ ହୋଇଥିବା ବିଭିନ୍ନ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ ପ୍ରଥମେ ସାଂସଦ ପି ଏମ ସୂର୍ଯ୍ୟଘର ଯୋଜନା ଓ ମଡେଲ ସୋଲାର ଗାଁ ସମ୍ବନ୍ଧରେ ଓରେଡା ଅଧିକାରୀ ଓ ଟିପିସିଓଡ଼ିଏଲ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ କେଉଁ



ପ୍ରୋଜେକ୍ଟରେ କେତେ କେତେ ଅର୍ଥ ନିବେଶ କରାଯାଇଛି ସେ ବିଷୟରେ ସବିଶେଷ ତଥ୍ୟ ଦେବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ସେହିପରି ବୃତ୍ତାଙ୍ଗ ପ୍ରୋଜେକ୍ଟର ଅଗ୍ରଗତି ଉପରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହା ପରେ ଗ୍ରାମୀଣ ଜଳ ଓ ପରିମଳ ବିଭାଗର ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ବିଭିନ୍ନ ଜାଗାରେ ଥିବା ପାନୀୟ ଜଳ ସମସ୍ୟା ଉପରେ ଏବଂ ତାର ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଅଧିକାରୀ ତଥ୍ୟ ରଖିଥିଲେ ।

ଏହା ପରେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ବିଧାୟକ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଠାରୁ ବିଭିନ୍ନ ଭତ୍ତା ଯୋଜନାରେ କେତେ ହିତାଧିକାରୀ ଅଛନ୍ତି ଏବଂ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କେଉଁ ଭତ୍ତା ଯୋଜନାରେ କେତେ କେତେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତିସେ ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ବିଭିନ୍ନ ରାସ୍ତା ଗୁଡିକର ନିର୍ମାଣ ତଥା ମରାମତି କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ ଏବଂ ପରେ ପରେ ପ୍ରଧାନମନ୍ତ୍ରୀ ଆଗାସ ଯୋଜନା – ଗ୍ରାମୀଣ ଉପରେ ଆଲୋଚନା କରିଥିଲେ ଏହା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାରେ କେତେ ପିଲା ଡ୍ରପ ଆଉଟ ଥିଲେ ଏବଂ ସେଥିରୁ କେତେ ପିଲା ମୁଖ୍ୟ ସ୍ରୋତରେ ସାମିଲ ହେଲେଣି ତା ଉପରେ ତଥ୍ୟ ରଖିଥିଲେ ଏବଂ ଅନ୍ୟାନ୍ୟ ଅସୁବିଧା ଗୁଡିକୁ ସମାଧାନ କରିବା ଦିଗରେ ସମସ୍ତେ ଆଲୋଚନା କରିଥିଲେ ଜିଲ୍ଲାପାଳ ସମସ୍ତ ବିଡ଼ିଓ ମାନଙ୍କୁ ବିଦ୍ୟାଳୟ ଗୁଡିକର ଥିବା ସମସ୍ତ ଅସମ୍ପୂର୍ଣ କାର୍ଯ୍ୟଗୁଡିକୁ ଯଥାଶୀଘ୍ର ଶେଷ କରିବା ପାଇଁ ନିର୍ଦେଶ ଦେଇଥିଲେ ।

ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ମେମ୍ବର, ବିଭିନ୍ନ ବିଭାଗର ଯନ୍ତ୍ରୀ, ଡିଓ ଓ ଗଣମାଧ୍ୟମ ର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ଲଗ୍ନଜିତ ରାଉତ ଧନ୍ୟବାଦ ପ୍ରଦାନ କରିବା ସହ ସଭା ସାଙ୍ଗ କରାଯାଇଥିଲା ।

ଆଜି ମୟୁରଭଞ୍ଜ ଗସ୍ତରେ ମୁଖ୍ୟମନ୍ତ୍ରୀ

ମହାନ୍ତ ତଥା କୁଡ଼ମି ସମାଜର ବାନ୍ଧଣା ପର୍ବ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ



ବାରିପଦା, ୧୨।୧୧ (ଆନିସ): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଆଜି ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି।ଜିଲ୍ଲାର ବେତନଟୀ ଠାରେ ହେଉଥିବା ମହାନ୍ତ ତଥା କୁଡ଼ମି ସମାଜର ବାନ୍ଧଣା ପର୍ବ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ, ରାୟରଙ୍ଗପୁର ପୁଲିସ ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲାରୁ ଆବଶ୍ୟକୀୟ ଫୋର୍ସ ଏବଂ ଅଧିକାରୀମାନଙ୍କୁ ସମନ୍ୱୟ କରାଯାଇ ବଡ଼ସାହି ଥାନା ଅନ୍ତର୍ଗତ ଆଗୁଆଡ଼ ଗ୍ରାମରେ ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମ ସ୍ଥଳରେ ଜଣେ ଅତିରିକ୍ତ ଏସପିଙ୍କ ଦାୟିତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସାଧାରଣରେ ଶାନ୍ତି ଶୃଙ୍ଖଳା ରକ୍ଷା ସାଙ୍ଗକୁ ରୁଟ୍ ଲାଇନ୍, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିବାବେଳେ, ଏହି କାର୍ଯ୍ୟକ୍ରମରେ ମୋଟ ୧୬ ପ୍ଲାଟୁନ ପୁଲିସ ଫୋର୍ସ, ୧୭୪ ଜଣ ହୋମଗାର୍ଡ, ୭୫ ଜଣ ଟ୍ରାଫିକ୍ କନଷ୍ଟେବଲ, ବହୁ ସଂଖ୍ୟକ ଏସଆଇ, ଏଏସଆଇ, ୧୬ ଜଣ ଇନ୍ସପେକ୍ଟର, ୭ ଜଣ ଡିଏସପି ଏବଂ ୨ ଜଣ ଅତିରିକ୍ତ ଏସପିଙ୍କୁ ନିୟୋଜିତ କରାଯାଇଛି। ଏସପିଙ୍କ ପ୍ରତ୍ୟକ୍ଷ ସୁପରଭିଜନରେ ସମସ୍ତ ବ୍ୟବସ୍ଥା ସୁଚାରୁରୂପେ ପରିଚାଳିତ ହେବ ବୋଲି ଜଣାପଡିଛି।

ଦୂତୀକେଶ୍ୱରଙ୍କ ପୀଠରେ ପ୍ରସ୍ତୁତି ବୈଠକ

- ୨୩,୨୪,୨୫ରେ ୩ ଦିନ ଧରି ଅନୁଷ୍ଠିତ ହେବ ବାରେଡ଼ି ଯାତ୍ରା
- ନିଶା ସେବନ କଲେ ସେବାସୀଙ୍କୁ କାର୍ଯ୍ୟରୁ ଅନ୍ତର ଚେତାବନୀ



ଓଡ଼ଗାଁ ୧୨/୧୧(ଆନିସ): ନୟାଗଡ଼ ଜିଲ୍ଲା କେବଳ ନୁହେଁ ସମଗ୍ର ରାଜ୍ୟରେ ଅନନ୍ୟ ଶୈବପୀଠ ଭାବରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ଗାଁ ନିକଟ ଜାମୁ ପାଟଣା ଶୁଳିଆ ପାହାଡ଼ ପାଦଦେଶରେ ଆବିର୍ଭୂତ ହୋଇଥିବା ଦୂତୀକେଶ୍ୱର ମହାଦେବଙ୍କ ପୂଣ୍ୟ ପୀଠରେ ଚଳିତ ମାସ ଆସନ୍ତା ୨୩,୨୪,୨୫ ତାରିଖରେ ବାରେଡ଼ି ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଗୁରୁବାର ମନ୍ଦିର କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ସତ୍ୟନାରାୟଣ ବାରିକ,ସବ୍ ଇନ୍ସପେକ୍ଟର ଚକ୍ରଧର ସିଂ ରେଞ୍ଜର ଅଭିମନ୍ୟୁ ମଲ୍ଲିକ ମନ୍ଦିର କମିଟି ଉପସଭାପତି ପ୍ରଫୁଲ୍ଲ ମାଝୀ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଭୁଜବଳ, କୋଷାଧ୍ୟକ୍ଷ ପ୍ରତାପ ଯେନା ଏବଂ ଅନ୍ୟ ସମସ୍ତ ସଭ୍ୟ ଓ ସେବାସୀମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଚଳିତ ବର୍ଷ ଶେଷ ସୋମବାର ପରଦିନ ମଙ୍ଗଳବାର ପୂର୍ଣ୍ଣିମୀ ଏବଂ ତାପରଦିନ ଛାଡ଼ଖାଇ ପଡୁଥିବାରୁ ୨୩ ସୋମବାର ଠାରୁ ୨୫ ତାରିଖ ବୁଧବାର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ।ଏଥକୁ ବିଚାର କରି ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ଆଲୋଚନା ହୋଇଥିଲା।ଏତଦବ୍ୟତୀତ ସେବାସୀ ମାନେ ଯାତ୍ରୀ ମାନଙ୍କୁ ଭଲ ବ୍ୟବହାର କରିବେ। କୌଣସି ସେବାସୀ ନିଶା ଦ୍ରବ୍ୟ ସେବନ କରି ମନ୍ଦିର ପ୍ରବେଶ କରିବେ ନାହିଁ। ଯଦି କରନ୍ତି, ତେବେ ତାଙ୍କୁ ସେବା ନିବୃତ କରାଯିବ। ସମସ୍ତ ସଭ୍ୟଙ୍କ ଜାଣତରେ ମନ୍ଦିରର ଆୟବ୍ୟୟରୁ ୪୦ ପ୍ରତିଶତ ଅର୍ଥ ସମସ୍ତଙ୍କ ଜାଣତରେ ବ୍ୟୟ ହେବ ଏବଂ ୬୦ ପ୍ରତିଶତ ସଞ୍ଚୟ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା।ପୀଠର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବୃକ୍ଷ ରୋପଣ ନିମନ୍ତେ ରେଞ୍ଜର ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ।

କୋଟଗଡ଼ରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଚଢ଼ାଉ, ଦୋକାନରୁ ଔଷଧ ଜବତ

୮୦ ହଜାର ଟଙ୍କାର ଔଷଧର ହିସାବ ଦେଇପାରିଲେନି ଦୋକାନୀ



ବାଲିଗୁଡ଼ା, ୧୨।୧୧ (ଆନିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ଅଞ୍ଚଳରେ ଔଷଧ ଦୋକାନଗୁଡ଼ିକରେ ଚହଳ ସୃଷ୍ଟି ହୋଇଛି। ମଙ୍ଗଳବାର ଫୁଲବାଣୀର ଡ୍ରଗ୍ସ ଇନ୍ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ ଶ୍ରୀରାମପୁର ଗସ୍ତ କରି ସାମୁଏଲ ମଲିକଙ୍କ ଔଷଧ ଦୋକାନରେ ଚଢ଼ାଉ କରିଥିଲେ।.

ଏହି ସମୟରେ ଔଷଧର ବିଲ୍ ଓ ଭାଉଚର ଯାଞ୍ଚ କରିବା ସହ ମିଆଦ ଶେଷ ହୋଇଥିବା ଔଷଧ ରଖାଯାଇଛି କି ନାହିଁ, ସେନେଇ ୧୯ ପ୍ରକାର ଔଷଧ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ପ୍ରାୟ ୮୦ ହଜାର ଟଙ୍କାର ଔଷଧ ସମ୍ପର୍କରେ ଦୋକାନୀ ଆବଶ୍ୟକୀୟ ହିସାବ ଓ କାଗଜପତ୍ର ଦେଖାଇପାରିନଥିବା ଜଣାପଡ଼ିଛି।

ଏହି ଔଷଧଗୁଡ଼ିକୁ ଜବତ କରାଯାଇ କୋଟଗଡ଼ କୋର୍ଟରେ ପିଆଁ ଦାଖଲ କରାଯାଇଛି। ପରେ ଜବତ ଔଷଧକୁ ବାଲିଗୁଡ଼ା ନେଇ ମାଲଖାନାରେ ରଖାଯିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର କହିଛନ୍ତି। ଅନ୍ୟ ଔଷଧଗୁଡ଼ିକର ଯାଞ୍ଚ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ତଥ୍ୟ ସ୍ପଷ୍ଟ ହେବ। ଏହି ଚଢ଼ାଉ ପରେ କୋଟଗଡ଼ ଅଞ୍ଚଳର ଔଷଧ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି।

କେନ୍ଦୁଝରରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ

ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ବଣ୍ଟନ

କେନ୍ଦୁଝର, ୧୨।୧୧ (ଆନିସ): ସାମାଜିକ ସୁରକ୍ଷା ଯୋଜନାକୁ ଅଧିକ ସରଳ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ସହ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ସମୟୋଚିତ ଭାବେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ସାମାଜିକ ସୁରକ୍ଷା ଭତ୍ତା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଉ ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆବେଦନର ପରବର୍ତ୍ତୀ ମାସରୁ ହିତାଧିକାରୀ ଭତ୍ତା ପାଇପାରିବେ।ଏହି ଉଦ୍ଦେଶ୍ୟରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍ ର ଶୁଭାରମ୍ଭ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ସାଚୁରେସନ୍ ମୋଡ୍‌ରେ ନୂତନ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁରୀ ଓ ବଣ୍ଟନ ନିମନ୍ତେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଥିଲେ ଯେ, ରାଜ୍ୟ ସରକାର ପେନ୍‌ସନ୍ ବ୍ୟବସ୍ଥାକୁ ସରଳୀକରଣ କରିଛନ୍ତି। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀମାନେ ପ୍ରତି ମାସରେ ନିୟମିତ ଭାବେ ଭତ୍ତା ପାଇପାରିବେ। ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଏହି ସୁବିଧା ପହଞ୍ଚାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। କେନ୍ଦୁଝର ଜିଲ୍ଲାରେ ବର୍ତ୍ତମାନ ମୋଟ ୧,୭୧,୬୭୧ ଜଣ ହିତାଧିକାରୀ ଭତ୍ତା ପାଇବାକୁ ଯୋଗ୍ୟ ହୋଇଛନ୍ତି। କୌଣସି ଯୋଗ୍ୟ ବୃଦ୍ଧବୃଦ୍ଧା ଯେପରି ଭତ୍ତା ପାଇବାରୁ ବଞ୍ଚିତ ନ ହୁଅନ୍ତି,



ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ।ନୂତନ ବ୍ୟବସ୍ଥା ଅନୁଯାୟୀ, ସାମାଜିକ ସୁରକ୍ଷା ଭତ୍ତା ପାଇବାକୁ ଯୋଗ୍ୟ ବ୍ୟକ୍ତିମାନେ ଆବେଦନର ପରବର୍ତ୍ତୀ ମାସରୁ ଭତ୍ତା ପାଇବାର ସୁଯୋଗ ପାଇବେ। ଏଥିପାଇଁ ହିତାଧିକାରୀମାନେ ନିଜ ଅଞ୍ଚଳର ବ୍ଲକ୍ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟରେ କିମ୍ବା ରାଜ୍ୟ ସରକାରଙ୍କ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିପାରିବେ। ସେହିପରି, ଭତ୍ତା ପାଉଥିବା ହିତାଧିକାରୀଙ୍କ ବୟସ ୮୦ ବର୍ଷ ପୂରଣ ହେଲେ ସେମାନଙ୍କୁ ସ୍ୱତଃ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ। ଏଥିପାଇଁ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ରହିବ ନାହିଁ। ଏହାଦ୍ୱାରା ବରିଷ୍ଠ ନାଗରିକମାନେ ଅଧିକ ସହଜରେ ସରକାରୀ ସହାୟତା ପାଇପାରିବେ।ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ସାମାଜିକ ସୁରକ୍ଷା ଭତ୍ତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପରିଭ୍ରମଣ କରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଆବେଦନ ପ୍ରକ୍ରିୟା ଓ ଉପଲବ୍ଧ ସୁବିଧା ସମ୍ପର୍କରେ ସଚେତନ କରିବାକାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଭୁବନେଶ୍ୱରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଜିଲ୍ଲାର ଯୋଗ୍ୟ ହିତାଧିକାରୀମାନେ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ସହଜ, ସ୍ୱଚ୍ଛ ଓ ସମୟୋଚିତ ଭାବେ ପାଇପାରିବେ।

ସାମାଜିକ ସୁରକ୍ଷା ଭତ୍ତା ଓ ଜନକଲ୍ୟାଣ ଯୋଜନାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା-ବଣ୍ଟନ କାର୍ଯ୍ୟକ୍ରମ

ବାରିପଦା,୧୨।୧୧ (ଆନିସ): ଓଡ଼ିଶାରେ ସାମାଜିକ ସୁରକ୍ଷା ଭତ୍ତା ଏବଂ ଜନକଲ୍ୟାଣ ଯୋଜନାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଓ ବଣ୍ଟନ କାର୍ଯ୍ୟକ୍ରମ ବିଜେପି ପକ୍ଷରୁ ଆଜି ବାରିପଦା ସହିଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବୃଦ୍ଧ, ବୃଦ୍ଧା, ବିଧବା କିମ୍ବା ଦିବ୍ୟାଙ୍ଗମାନଙ୍କୁ ଭତ୍ତା ପାଇବା ପାଇଁ ପୂର୍ବତନ ହିତାଧିକାରୀଙ୍କ ମୃତ୍ୟୁଜନିତ ଖାଲି ସ୍ଥାନ ବା ଭେକେନ୍ସିକୁ ଅପେକ୍ଷା କରିବାକୁ ପଡ଼ୁଥିଲା, ଯାହାକୁ ବର୍ତ୍ତମାନର ସରକାର ପରିବର୍ତ୍ତନ କରିଛନ୍ତି। ରାଜ୍ୟର ସମସ୍ତ ବ୍ଲକ, ମ୍ୟୁନିସିପାଲଟି ଏବଂ ୟୁଏଲ୍‌ବିଗୁଡ଼ିକରେ ଆବେଦନ କରିଥିବା ଲୋକଙ୍କ ସଂଖ୍ୟା ଆକଳନ କରାଯାଇ ୫ ଲକ୍ଷ ୫ ହଜାର ୮୧୭ ଜଣ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଭତ୍ତା ଯୋଗାଇ ଦିଆଯାଉଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ସମେତ ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କ



ମାଧ୍ୟମରେ ଭତ୍ତା ପାଇବାରେ ସମସ୍ୟା ଭୋଗୁଥିବା ଲୋକଙ୍କ ସମସ୍ୟାର ପ୍ରାୟ ୯୦ ପ୍ରତିଶତ ସମାଧାନ ହୋଇସାରିଥିବାବେଳେ, ବାକି ୧୦ ପ୍ରତିଶତ କ୍ଷେତ୍ରରେ କେନ୍ଦ୍ରୀୟ ଅଂଶଧନ (୨୦୦ ଟଙ୍କା) ଯାନ୍ତ୍ରିକ ତ୍ରୁଟି କାରଣରୁ ଆସିବାରେ ବିଳମ୍ବ ହେଲେ ମଧ୍ୟ ତାହାକୁ ଯଥାଶୀଘ୍ର ସମାଧାନ କରାଯାଉଛି। ସେହିପରି ୮୦ ବର୍ଷରୁ ଅଧିକ ବୟସ୍କ ବାର୍ଦ୍ଧକ୍ୟ ଓ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ୩୫୦୦ ଟଙ୍କା (୩୦୦୦ ଟଙ୍କା ରାଜ୍ୟ ସରକାରଙ୍କ ଏବଂ ୫୦୦ ଟଙ୍କା କେନ୍ଦ୍ରସରକାରଙ୍କ ଅଂଶ) ପ୍ରଦାନ କରାଯାଉଛି। ବ୍ୟାଙ୍କରେ ଟଙ୍କା ପହଞ୍ଚିବାରେ ବିଳମ୍ବ ହେଉଥିବାରୁ, ୩୦୦୦ ଟଙ୍କାକୁ ପଞ୍ଚାୟତ କିମ୍ବା ୱାର୍ଡ ଅଫିସରେ ହାତେହାତେ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହି ସମୟରେ ବିରୋଧୀଙ୍କ ସମାଲୋଚନାକୁ ଖଣ୍ଡନ କରି କୁହାଯାଇଛି ଯେ ପୂର୍ବ ସରକାରମାନେ ଦୀର୍ଘ ବର୍ଷ ଧରି ଶାସନରେ ଥାଇ ମଧ୍ୟ ଏଭଳି ପଦକ୍ଷେପ ନେଇନଥିଲେ। ଏହା ବ୍ୟତୀତ ଶିକ୍ଷାକ୍ଷେତ୍ରରେ ପିଲାଙ୍କ ଏଡମିଶନ ହାର ବୃଦ୍ଧି ପାଇଥିବାବେଳେ, ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ମାଧ୍ୟୋ ସିଂ ଘାଟ ପାଠିତଥା ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇ ଖାଦ୍ୟର ମାନ ଓ ଅର୍ଥବର୍ଦ୍ଧନ କରାଯାଇଛି। ମାତ୍ର ଅଢ଼େଇ ବର୍ଷର ଏହି ସରକାର ଜନସାଧାରଣଙ୍କ ସେବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିବାରୁ ସାଧାରଣ ଜନତା ସହଯୋଗ କରିବାକୁ ନିବେଦନ କରା